**ରାସ୍ତାରେ ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) : ରାସ୍ତାରେ ମହିଳାଙ୍କୁ ଅସଦାଚରଣ କରିବା ମହଙ୍ଗା ପଡ଼ିଛି। ମହିଳାଙ୍କ ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ଅସଦାଚରଣ କରିଥିବା ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବ୍ରହ୍ମପୁରର ପି.ରାମକୃଷ୍ଣ ରାୟ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରାମକୃଷ୍ଣଙ୍କ ନାମରେ କ୍ୟାପିଟାଲ ଥାନାରେ ୪ ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

# ଗୋ ହତ୍ୟା ନିଷେଧ ଦାବିରେ ଏକାଠି ହେଲେ ସାଧୁସନ୍ଥ

## ଗୋ ସଂରକ୍ଷଣ ବିଲ୍ ପାରିତ କରିବାକୁ ଦାବି

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଓଡ଼ିଶା ମାଟିକୁ ଗୋହତ୍ୟା କଳଙ୍କରୁ ମୁକ୍ତ କରିବା ପାଇଁ ଜନସ୍ୱର ତୀବ୍ର ହୋଇଛି। ବିଧାନସଭାରେ ଆଗତ ଗୋହତ୍ୟା ନିଷେଧ ଓ ଗୋ ସଂରକ୍ଷଣ ବିଲ୍‌କୁ ତୁରନ୍ତ ପାରିତ କରି ଆଇନରେ କାର୍ଯ୍ୟକାରୀ କରିବା ଦାବିରେ ଶୁକ୍ରବାର ଲୋୟର ପିଏମ୍‌ଜିରେ ମିଳିତ ଗୋ-ରକ୍ଷା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ସଂଯୋଜନାରେ ଆୟୋଜିତ ଏହି ମହାସମାବେଶରେ ସାଧୁସନ୍ଥ ସନ୍ନ୍ୟାସୀଙ୍କ ସହିତ ଇସ୍କନ, ବିଶ୍ୱ ଗାୟତ୍ରୀ ପରିବାର, ଯୋଗ ବେଦାନ୍ତ ସମିତି, ପତଞ୍ଜଳି ଯୋଗ ସମିତି, ଓଡ଼ିଶା ଗୋ-ସେବା ସମିତି, ନୀଳାଚଳ ସାରସ୍ୱତ ସଂଘ, ମହିମା ଅଲେଖ, ସନାତନ ସନ୍ଥ ସମାଜ ମନ୍ଦିର ସେବାୟତ ସଂଘ ଆଦି ଅନେକ ଧାର୍ମିକ ଓ ଆଧ୍ୟାତ୍ମିକ ସଂସ୍ଥାନ ସମ୍ମିଳିତ ହୋଇ ରାଜ୍ୟରେ ଗୋହତ୍ୟା ରୋକିବାକୁ ଦୃଢ଼ ଓ ସଶକ୍ତ ଆଇନ କାର୍ଯ୍ୟକାରୀ କରାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି କ୍ରମରେ ଓଡ଼ିଶାରେ ଗୋ-ମାତାଙ୍କୁ ରାଜ୍ୟ ମାତାର ମାନ୍ୟତା ସହିତ ଗୋ-ଅନୁକୂଳ ଶାସକୀୟ ନୀତି ପ୍ରଣୟନ ଦାବିରେ ଗାନ୍ଧୀମାର୍ଗ କମ୍ପିଥିଲା। ସେହିପରି ଓଡ଼ିଶାରେ ଗୋହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ଗୋ ଚାଲାଣ, ଗୋମାଂସ ଚାଲାଣ ଉପରେ ଅଙ୍କୁଶ ଲଗାଇ ଗୋ ଅତ୍ୟାଚାର ଓ କ୍ରୂରତାକୁ ରୋକିବା ତଥା ରାଜ୍ୟରେ ଗୋଧନ ସଞ୍ଚାଳନ ପାଇଁ ଓଡ଼ିଶା ଗୋ ସେବା ଆୟୋଗ ଗଠନ ପୂର୍ବକ ଓଡ଼ିଶା ଗୋହତ୍ୟା ନିଷେଧ ଓ ଗୋ ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ବିଧାନସଭାରେ ପାରିତ କରାଇବା ପାଇଁ ଦାବି କରାଯାଇଥିଲା। ଏହି କ୍ରମରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗକୁ ଗୋରକ୍ଷାର୍ଥେ ଜନ ଆନ୍ଦୋଳନ ତେଜିବା ସହିତ ଆଇନକୁ ହାତକୁ ନିଆଯିବ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

ନିକଟରେ ଲୋକଲୋଚନକୁ ଆସିଥିବା କଟକ ଜିଲା ଟିଗିରିଆ ବାରମଣ ଜଙ୍ଗଲରେ କୁଢ଼କୁଢ଼ ଗୋରୁ ହାଡ଼ର ପାହାଡ଼, ପୁରୀର ଏକ ହୋଟେଲରେ ମଟନ ବଦଳରେ ଗୋ-ମାଂସ କାରବାର, ବର୍ଦ୍ଧିତ ଗୋ-ହତ୍ୟା, ଗୋ-ଚାଲାଣ ଓ ଗୋମାଂସ ଚାଲାଣ ଘଟଣାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ସମାବେଶରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ନବ ଭାରତ ହିନ୍ଦୁ ସଂଗଠନ, ହିନ୍ଦୁ ଜାଗରଣ ମଞ୍ଚ, ହିନ୍ଦୁ ମହାସଂଘ, ଧର୍ମ ଜାଗରଣ ମଞ୍ଚ, ହିନ୍ଦୁ ଏକତା ମଞ୍ଚ, ଦେବସେନା ଆଦି ସନାତନୀ ସଂଗଠନ ଏଥିରେ ସାମିଲ୍ ହୋଇ ଗୋହତ୍ୟା, ଗୋ-ଚାଲାଣ ଓ ଗୋମାଂସ ଚାଲାଣକୁ ଓଡ଼ିଶା ମାଟିରେ ବରଦାସ୍ତ କରାଯିବ ନାହିଁ ବୋଲି ମିଳିତ ତୀବ୍ର ସ୍ୱର ଉତ୍ତୋଳିତ କରିଥିଲେ। ସେହିପରି ଗୋ-ସେବା ଫୋରମ, ସୁରଭି ଗୋଧାମ, ମା' ଭାରତୀ ଗୋ-ସେବା କେନ୍ଦ୍ର, ରାଷ୍ଟ୍ରୀୟ ଗୋସେବା ପରିଷଦ, ସାହାଯ୍ୟ ଗୋ ସେବାଶ୍ରମ, ଶ୍ରୀଜଗନ୍ନାଥ ଗୋସେବା ଟ୍ରଷ୍ଟ, ରାମକୃଷ୍ଣ ଗୋ ସେବା କେନ୍ଦ୍ର ପ୍ରମୁଖ ସମ୍ମିଳିତ ହୋଇଥିଲେ। ପରିଷଦର ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ମୁଖ୍ୟବକ୍ତା ଭାବେ ବିଶ୍ୱ ପରିବେଶ ଆଇନ ଆୟୋଗ (ମିଳିତ ଜାତିସଂଘ)ର ସଦସ୍ୟ ତଥା ମିଳିତ ଗୋ ରକ୍ଷା ମହାସମାବେଶର ସଂଯୋଜକ ବିଶ୍ୱଜିତ୍ ପ୍ରଧାନ, ଓଡ଼ିଶା ଗୋସେବା ସମିତିର ପ୍ରଚାରକ ପ୍ରଦୀପ୍ତ ତ୍ରିପାଠୀ, ନେତ୍ରୀ ସୁନୀତି ମୁଣ୍ଡ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଲୋୟର ପିଏମ୍‌ଜିରେ ଶୁକ୍ରବାର ଅନୁଷ୍ଠିତ ଗୋରକ୍ଷା ମହାସମାବେଶରେ ସାମିଲ ହୋଇଥିବା ସାଧୁସନ୍ଥ।

## କିମ୍ସରେ ବେଣ୍ଟାଲ ପ୍ରକ୍ରିୟାରେ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)



ଜଟିଳ ଆର୍ଓ୍ଟିକ ଡିସେକ୍ସନ ରୋଗରେ ପୀଡିତ ଜଣେ ୬୪ ବର୍ଷୀୟ ଦୃଷ୍ଟିହୀନ ରୋଗୀଙ୍କର କିମ୍ସରେ ବେଣ୍ଟାଲ ପ୍ରକ୍ରିୟାରେ ଅସ୍ତ୍ରୋପଚାର କରାଯାଇଛି। କିମ୍ସ ସିଟିଭିଏସ୍ ବିଶେଷଜ୍ଞ ଡା. ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଡିଓ-ଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗର ଡାକ୍ତରମାନେ ଏହି ଚିକିତ୍ସାରେ ସଫଳ ହୋଇଛନ୍ତି। ଶରୀରର ସଂଯୋଜକ ଟିସୁକୁ ଦୁର୍ବଳ କରିଦେଉଥିବା ବଂଶଗତ ରୋଗ ମାର୍ଫାନ୍ସ ସିଣ୍ଡ୍ରୋମ୍‌ରେ ପୀଡିତ ରୋଗୀ ଛାତି ଏବଂ ପିଠିରେ ଗମ୍ଭୀର ଯନ୍ତ୍ରଣା ଅନୁଭବ କରିବାରୁ ସେ କିମ୍ସକୁ ଡାକ୍ତରୀ ପରାମର୍ଶ ପାଇଁ ଆସିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର ଏବଂ ଡା. ପ୍ରଦୀପଙ୍କୁ ନେଇ ଗଠିତ ଏକ ହୃଦ୍‌ରୋଗ ବିଶେଷଜ୍ଞ ଦଳ ତାଙ୍କର ପରୀକ୍ଷା ନିରୀକ୍ଷା କରିଥିଲା। ପରେ ସିଟି ଆଞ୍ଜିଓଗ୍ରାଫିରୁ ଏହା ଟାଇପ୍-ଏ ଆକ୍ୟୁଟ୍ ଆର୍ଓ୍ଟିକ ଡିସେକ୍ସନ ବୋଲି ଜଣାପଡ଼ିଥିଲା। ଏହି ରୋଗରେ ଜୀବନ ପ୍ରତି ଅଧିକ ବିପଦ ସମ୍ଭାବନା ରହୁଥିବାରୁ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ। କିମ୍ସ ହୃଦ୍ ଅସ୍ତ୍ରୋପଚାର ବିଭାଗର ଡା. ଅମିତ ଅଗ୍ରୱାଲ, ଡା. ସିକେଆର ମହାପାତ୍ର, ନିଶ୍ଚେତକ ବିଶେଷଜ୍ଞ ଡା. ଅଶୋକ ବଡମାଳି ଏବଂ ଡା. ଜ୍ଞାନ ମିଶ୍ରଙ୍କ ନେତୃତ୍ୱରେ ଜରୁରିକାଳୀନ ବେଣ୍ଟାଲ ପ୍ରକ୍ରିୟାରେ ଅସ୍ତ୍ରୋପଚାର କରାଯାଇଥିଲା। ବେଣ୍ଟାଲ ପ୍ରକ୍ରିୟା ଏକ ଜଟିଳ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର ସତ୍ତ୍ୱେ ବିଶେଷଜ୍ଞଙ୍କ ପ୍ରୟାସ ସଫଳ ହୋଇଥିଲା।

## ରଥ ଦଉଡ଼ି ଯୋଗାଇବ କତା ନିଗମ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

- ଅଦିନିଆ ଘୋଷଯାତ୍ରା ଆୟୋଜନ ଲାଗି ଇସ୍କନକୁ ବାରଣ
- ବେଆଇନ ଭାବେ ମହାପ୍ରଭୁଙ୍କ ଜମି ବିକିଲେ କାର୍ଯ୍ୟାନୁଷ୍ଠାନ

ଜୁନ ୨୭ରେ ହେବାକୁ ଥିବା ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ସମୟ ପୂର୍ବରୁ ରଥକାଠ, ବାସୁଙ୍ଗା ପାଟ, ଚନ୍ଦନ କାଠ ଓ କତାଦଉଡ଼ି କିଭଳି ପ୍ରସ୍ତୁତି ସରିବ ସେ ନେଇ ଆଲୋଚନା କରାଯାଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତ ବର୍ଷର ଘୋଷଯାତ୍ରା ଲାଗି ରଥକାଠ ପର୍ଯ୍ୟାୟ କ୍ରମେ ଆସିବାରେ ଲାଗିଛି। ପରମ୍ପରା ଅନୁସାରେ ରାମନବମୀ ଦିନ ରଥକାଠ ଚିରଟ ଅନୁକୂଳ ହେବ। ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଓଡ଼ିଶା କତା ନିଗମ ରଥ ଦଉଡ଼ି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ବାସୁଙ୍ଗା ପାଟ, ଚନ୍ଦନ ସମେତ ଅନ୍ୟ ଆବଶ୍ୟକ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ ପାଖେ ମହଜୁଦ ରହିଛି। ସେହିପରି ଅଦିନିଆ ରଥଯାତ୍ରା ସମ୍ପର୍କରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଇସ୍କନ ସଂସ୍ଥା ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇସାରିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା, ଘୋଷଯାତ୍ରା ଓ ଅନ୍ୟ ଯାତ୍ରା, ପର୍ବପର୍ବାଣିକୁ ଅଦିନିଆ ଭାବେ ପାଳନ ନ କରିବା ନିମନ୍ତେ ଇସ୍କନ ସଂସ୍ଥାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷରେ, ଶ୍ରୀମନ୍ଦିର ଜମି ତଥା ମହାପ୍ରଭୁ ଶ୍ରୀଜଗନ୍ନାଥ ପୁରୀଙ୍କ ନାମରେ ଥିବା ଜମିକୁ ଅସାଧୁ ବ୍ୟକ୍ତି ବିକ୍ରି ଉଦ୍ୟମ କଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ପାଢୀ କହିଛନ୍ତି।

## ସଂକ୍ଷେପରେ

### ୪ ଲୁଟେରା ଗିରଫ: ମୋବାଇଲ, ଗାଡ଼ି ଜବତ

ଭୁବନେଶ୍ୱର,୨୧।୩ (ସୂର୍ଯ୍ୟକାନ୍ତ ବେହେରା) : ସହରରେ ଛିନ୍‌ତାଇ କରୁଥିବା ୪ ଲୁଟେରାଙ୍କୁ ମୈତ୍ରୀବିହାର ଓ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ମୈତ୍ରୀବିହର ପୋଲିସ ହାତରେ ଧରାପଡିଥିବା ଅଭିଯୁକ୍ତମାନେ ହେଲେ ସାଲିଆ ସାହିର ଦୟାନିଧି ଚମ୍ପତିରାୟ, ଗଞ୍ଜାମର କାଳିଆ ପ୍ରଧାନ ଓ ନୟାଗଡର ଟୁନା ପ୍ରଧାନ। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ଅଟୋ ଓ ଲୁଟ୍ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ଓ ଗଞ୍ଜାମ ଜିଲାର ଏକାଧିକ ଥାନାରେ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅପରପକ୍ଷେ ତମାଣ୍ଡୋ ପୋଲିସ ଦ୍ୱାରା ଜଟଣୀ ଅଞ୍ଚଳର ଅଭିଯୁକ୍ତ ଆକାଶ ରାଉତରାୟ ଗିରଫ ହୋଇଛନ୍ତି। ତାଙ୍କଠାରୁ ୨ଟି ମୋବାଇଲ ଜବତ ହୋଇଛି। ଆକାଶଙ୍କ ନାମରେ ଜଟଣୀ ଥାନାରେ ୪ଟି ଆପରାଧିକ ମାମଲା ରହିଛି। ପୃଥକ ମାମଲା ରୁଜୁ କରି ଦୁଇ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତମାଣ୍ଡୋ ଥାନାରେ ଦିଲୀପ କୁମାର ବେହେରା ଓ ମୈତ୍ରୀବିହାର ଥାନାରେ କେଦାର କୁମାର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

### ହୋଲିରେ ଖଣ୍ଡା ବୁଲାଇ ଗାଡି ଭଙ୍ଗାରୁଜା, ଆକ୍ରମଣ ଘଟଣା
### ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର,୨୧।୩(ସତ୍ୟଜିତ୍ ରାଉତ): ଗତବର୍ଷ ହୋଲି ବେଳେ ନୟାପଲ୍ଲୀ ଅଞ୍ଚଳରେ ଖଣ୍ଡା ବୁଲାଇ ଗାଡି ଭଙ୍ଗାରୁଜା କରିବା ସହ ଆକ୍ରମଣ କରି ଫେରାର ଥିବା ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସିଆର୍‌ପି ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅଞ୍ଚଳର ନିତିଶ କୁମାର ବାରିକ (୨୫)। ଶୁକ୍ରବାର କୋର୍ଟଚାଲାଣ ପରେ ନିତିଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ୭ଜଣ ଗିରଫ ହୋଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୪ ମାର୍ଚ୍ଚ ୨୬ରେ ହୋଲି ଉତ୍ସବ ପାଳନ କରୁଥିବାବେଳେ କୌଣସି କାରଣକୁ ନେଇ ଅଭିଯୁକ୍ତମାନଙ୍କ ସହ କେତେଜଣ ସ୍ଥାନୀୟ ପିଲାଙ୍କ ବଚସା ହୋଇଥିଲା। କିଛି ସମୟ ପରେ ଅଭିଯୁକ୍ତମାନେ ଖଣ୍ଡା, ଲୁହାରଡ୍, କଟୁରି, ଫାର୍ସା ଓ ବାଡି ଆଦି ଧରି ବାଇକରେ ଆସି ବ୍ରିଟ୍ କଲୋନୀ ଓ ମମତାଜ୍ ଅଲ୍ଲୀ ସ୍କୁଲ ନିକଟରେ ଆତଙ୍କ ରଚିଥିଲେ। ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ୪ଟି ଚାରିଚକିଆ ଯାନ ଓ ଦୁଇଟି ବାଇକକୁ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଦୁର୍ଗା ବେହେରାଙ୍କ ସମେତ ଏକାଧିକ ବ୍ୟକ୍ତି ଆହତ ହୋଇଥିଲେ। ଏନେଇ ମମତାଜ୍ ଅଲ୍ଲୀ ସ୍କୁଲ ନିକଟରେ ରହୁଥିବା ଧନଞ୍ଜୟ ବେହେରାଙ୍କ ଏତଲା ଆଧାରରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୧୭୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା।



ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର ସହ ବିଭିନ୍ନ ଦାବି ନେଇ ଓଡିଶା ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ ବିକ୍ଷୋଭ ସମାବେଶ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର ଦାବି

### ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ବିକ୍ଷୋଭ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର, ଜନ ବିରୋଧୀ ପ୍ରି-ପେଡ୍ ସ୍ମାର୍ଟ ମିଟର ସଂଯୋଗ ବର୍ଜନ, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାସରେ ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇବା ଆଦି ବିଭିନ୍ନ ଦାବି ନେଇ ଶୁକ୍ରବାର ବିଧାନସଭା ସମ୍ମୁଖରେ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଗଣବିକ୍ଷୋଭ କରାଯାଇଛି। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ସତ୍ତ୍ୱେ ବିଦ୍ୟୁତ ୟୁନିଟ୍ ପ୍ରତି ମୂଲ୍ୟ ଅନ୍ୟ ରାଜ୍ୟଠାରୁ କାହିଁକି ଅଧିକ? ଓଡ଼ିଶା ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ବିଦ୍ୟୁତ୍ କ୍ଷେତ୍ରରେ ତଥାକଥିତ ସଂସ୍କାର ଆଣିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଥିବା ବେଳେ ରାଜ୍ୟବାସୀ କାହିଁକି ଏହାର ସୁଯୋଗ ପାଉନାହାନ୍ତି ବୋଲି ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପ୍ରଶ୍ନ ଉଠାଇଛି। କରିଥିଲେ। ସେହିପରି ଗରିବ ରାଜ୍ୟ ଓଡ଼ିଶାରେ କୃଷିକ୍ଷେତ୍ର ପାଇଁ ମାଗଣା ବିଦ୍ୟୁତ୍ ଉତ୍ପାଦନ ପାଇଁ ମହାସଂଘ ଦାବି କରିଛି। ଉପଭୋକ୍ତା ମହାସଂଘ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ସଭାପତିତ୍ୱରେ ବିକ୍ଷୋଭ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୂରଣ ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହାସଂଘର ଆବାହକ ରବି ବେହେରା କହିଛନ୍ତି। ଓଡ଼ିଶାରେ ମୋଟ ବିଦ୍ୟୁତ୍ ଉତ୍ପାଦନ ୪୩,୯୮୯ ମିଲିୟନ ୟୁନିଟ୍ ଥିବାବେଳେ ମୋଟ ୩୮,୮୧୪ ମିଲିୟନ ୟୁନିଟ୍ ବ୍ୟବହାର ହେଉଛି। ସେଥିରୁ ୫୧୩୫ ମିଲିୟନ ୟୁନିଟ ବିଦ୍ୟୁତ୍ ବଳକା ରହିଛି। ହେଲେ ୨୦୧୯ ନିୟମ ଅନୁସାରେ ଜଣେ ଉପଭୋକ୍ତାଙ୍କୁ ମାସକୁ ୧୦ ଘଣ୍ଟା ଓ ୧୫ଥର ବିଦ୍ୟୁତ୍ କାଟ ସହିବାକୁ ପଡ଼ିବ। ୨୦୨୩-୨୪ ତଥ୍ୟ ଅନୁସାରେ ମାସରେ ହାରାହାରି ୨୩ ଘଣ୍ଟା ଓ ୧୫ଥର ପରିବର୍ତ୍ତେ ୩୪ଥର ବିଦ୍ୟୁତ୍ କାଟ ହୋଇଛି ବୋଲି ବିତରକ କମ୍ପାନୀ ସତ୍ୟପାଠ ଜରିଆରେ ସ୍ୱୀକାର କରିଛି। ସେହିପରି ଅନ୍ୟ ରାଜ୍ୟଠାରୁ ଓଡ଼ିଶାରେ ବିଦ୍ୟୁତ୍ ଦେୟ ଅଧିକ ରହିଥିବାରୁ ବିକ୍ଷୋଭ ସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ନାରାୟଣ ରେଡ୍ଡୀ, ପ୍ରଦୀପ୍ତ ନାୟକ, ମହେନ୍ଦ୍ର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଦାବି ପୂରଣ ଯାଏ ଦିବାରାତ୍ର ଆନ୍ଦୋଳନ ଚାଲିବ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ): ଜୀବିକା ମିଶନ ସ୍କିମ୍ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରୁଥିବା ମୁଖ୍ୟ ସ୍କିମ୍ କର୍ମଚାରୀ ଇସି ସଦସ୍ୟଙ୍କୁ ନିର୍ବାଚିତ ପ୍ରତିନିଧି ଆଖ୍ୟାଦେଇ ପୁନର୍ଗଠନ ଆଳରେ ବହିଷ୍କାର କରିବା ନିର୍ଦ୍ଦେଶ ପ୍ରତ୍ୟାହାର ଦାବିରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଦିବାରାତ୍ର ଗଣଧାରଣା ଚାଲିଛି। ମହିଳାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ମାଧ୍ୟମରେ ସଂଗଠିତ କରିବା, ଗୃହିଣୀ ମହିଳା ନିଜ ଘର କାମ ସହ ରୋଜଗାରକ୍ଷମ ହେବା ପାଇଁ ସଚେତନ କରିବା, ମହିଳାଙ୍କ ଗୋଷ୍ଠୀଗତ ସଞ୍ଚୟ ବୃଦ୍ଧି, ବିଭିନ୍ନ ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ ସଂରକ୍ଷଣ, ବିକ୍ରୟ ଓ ବ୍ୟବସାୟ ପାଇଁ ବ୍ୟାଙ୍କ ସହ ସଂଯୋଗ କରାଇ ଋଣ ପ୍ରଦାନ କରାଇବା ଆଦି ବିଭିନ୍ନ ଦାବି ରହିଛି। ଶୁକ୍ରବାର ଏହା ତୃତୀୟ ଦିନରେ ପହଞ୍ଚିଥିବାବେଳେ ଦାବି ପୂରଣ ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସ୍ପଷ୍ଟ କରିଛି। ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟିକା ସୋଫିଆ ଫିର୍‌ଦୋସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସିପିଆଇ ନେତା ଦାମୋଦର ବେହେରା, ସୁର ଜେନା, ବିଭିନ୍ନ ଟ୍ରେଡ୍ ୟୁନିୟନ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରି ରାଜ୍ୟରେ କାର୍ଯ୍ୟରତ ୧ଲକ୍ଷ ୫୯ ହଜାର ଇସି ସଦସ୍ୟଙ୍କୁ ପୁନର୍ଗଠନ ପ୍ରକ୍ରିୟାରୁ ବାଦ୍ ଦେଇ ସ୍କିମ୍ ୱାର୍କର ମାନ୍ୟତା ଦେବା ପାଇଁ ସେମାନେ ଦୃଢ଼ ଦାବି କରିଥିଲେ।

## ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ସହଯୋଗ ଆବଶ୍ୟକ

ତ୍ରିଶୂଳିଆ,୨୧।୩ (ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ମୁଣ୍ଡଳୀସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପରିବେଶ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ବନଖଣ୍ଡର ଏସିଏଫ୍ ସନ୍ତୋଷ କୁମାର ପତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇ ପରିବେଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସନ୍ତୋଷ ତାଙ୍କ ବକ୍ତବ୍ୟରେ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ଉପରେ କହିଥିଲେ। ପରିବେଶବିତ୍ ଡ. ବିଶ୍ୱାଳ ବିଶ୍ୱତାପାୟନ ଉପରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ରାମରାଜ ସିଂ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଡ. ପ୍ରଦୀପ କୁମାର ଦୋରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଉପାଧ୍ୟକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଗଣତନ୍ତ୍ର ମାନବ ସମାଜ ପାଇଁ ଆଶା, ଭରସା

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଗଣତନ୍ତ୍ର ମାନବ ସମାଜ ପାଇଁ ସବୁଠାରୁ ବଡ ଆଶା ଓ ଭରସା। ଗଣତନ୍ତ୍ର ମନୁଷ୍ୟର ଆକାଂକ୍ଷା ପାଇଁ ସର୍ବୋତ୍ତମ ସୁଯୋଗ ପ୍ରଦାନ କରେ। ବିଶ୍ୱରେ ୨୪ଟି ଦେଶରେ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ 'ଗଣତନ୍ତ୍ରର ପୁନର୍ବିଚାର' ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବାର, ସମ୍ପ୍ରଦାୟ, ବିଶ୍ୱବିଦ୍ୟାଳୟ ତଥା ଯେକୌଣସି ସ୍ଥାନରେ ଗଣତନ୍ତ୍ର ବିଷୟରେ ଲୋକଙ୍କ ପାଇଁ ଗଣତନ୍ତ୍ର ଏକ ସାଧାରଣ କଥା। ଗଣତନ୍ତ୍ରରେ ଦିଆଯାଉଥିବା ପ୍ରତିଶ୍ରୁତି ହିଁ ଉତ୍ତମ ଜୀବନଧାରଣ ଅତିବାହିତରେ ସହାୟକ ହୋଇଥାଏ। ଗଣତନ୍ତ୍ର ନ୍ୟାୟର ପ୍ରତୀକ ଭାବେ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ତେଣୁ ଗଣତନ୍ତ୍ର କେବେ ମଧ୍ୟ ବିବାଦୀୟ ଶବ୍ଦ ହୋଇନାହିଁ। ଯେଉଁମାନେ ଗଣତନ୍ତ୍ର ମଧ୍ୟରେ ଅଛନ୍ତି, ସେମାନଙ୍କୁ ଅଧିକାର ଓ ସ୍ୱାଧୀନତା ପ୍ରଦାନ କରିଥାଏ ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ କହିଲେ, ୧୯୦୦ ମସିହାରେ କେବଳ ୪% ଓ ୧୯୫୦ରେ ୧୫% ଦେଶ ଗଣତାନ୍ତ୍ରିକ ଥିଲା। ହେଲେ ୨୦୨୩ରେ ଭିଏତ୍‌ନାମର ତଥ୍ୟ ଅନୁଯାୟୀ, ୫୧% ଦେଶ ଗଣତାନ୍ତ୍ରିକ ରହିଥିବା ଜଣାପଡିଛି। ନୂଆଦିଲ୍ଲୀ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ରାଜନୀତି ଅଧ୍ୟୟନ କେନ୍ଦ୍ରର ପ୍ରଫେସର ବିଧୁ ବର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ୍ବେଡକରଙ୍କ ଗଣତନ୍ତ୍ର ଉପରେ ୪ଟି ବୈଶିଷ୍ଟ୍ୟ ଯଥା ସୃଜନଶୀଳ ଗଣତନ୍ତ୍ର, ଗଣତନ୍ତ୍ରରେ ପ୍ରତିନିଧିତ୍ୱ, ସାମ୍ବିଧାନିକତା ସନ୍ତୁଳନ, ଗଣତନ୍ତ୍ର ଏକ ଦର୍ଶନ ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ସୀମା ମଲ୍ଲିକ ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ସ୍ୱପ୍ନା ଏସ୍ ପ୍ରଭୁ ଗଣତନ୍ତ୍ରର ପୁନର୍ବିଚାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦରେ ଉପଲବ୍ଧ ଜୀବନ ଜିଇଁବାର କଳା

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ବୈଦିକ ସମ୍ମିଳନୀ ଉଦ୍‌ଘାଟିତ

ବାରଙ୍ଗ/ତ୍ରିଶୂଳିଆ,୨୧।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କୁହାଯାଏ, ବେଦରେ ସମଗ୍ର ସଂସାରର ଗୁଣ ନିହିତ ରହିଛି। ଏଥିରେ ମାନବ ଜୀବନ ଜିଇଁବାର କଳା, ବ୍ରହ୍ମଚର୍ଯ୍ୟ ସମେତ ମାନବ ଜୀବନଧାରଣ କରିବାଯୋଗ୍ୟ ସଂସ୍କାର, ସଂସ୍କୃତି ଏବଂ ମାନବ ଧର୍ମ କଥା ଉଲ୍ଲେଖ ରହିଛି, ଯାହା ଉପରେ ଗବେଷଣାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଏହି ଉଦ୍ଦେଶ୍ୟ ସହ ୪ ବେଦର ମନ୍ତ୍ର ପ୍ରତ୍ୟେକ ଜନପଦ ଓ ଜନବସତିରେ ପହଞ୍ଚାଇବା ଲକ୍ଷ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ୩ଦିନିଆ ଆଞ୍ଚଳିକ ବୈଦିକ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ଅଧୀନ ବେଦ ବିଜ୍ଞାନ ମହାବିଦ୍ୟାପୀଠ-ଶ୍ରୀ ଶ୍ରୀ ଗୁରୁକୁଳ ପକ୍ଷରୁ ଆରମ୍ଭ ହୋଇଯାଇଛି। କଟକ ସିଡିଏ ସେକ୍ଟର-୬ଠାରୁ ସେକ୍ଟର-୯ ଶିବମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଜରିଆରେ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ ଉଜ୍ଜୟିନୀସ୍ଥିତ ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନ ସହ ବହୁ ସଂସ୍କୃତ ଶିକ୍ଷା ପ୍ରତିଷ୍ଠାନରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ବହୁ ପ୍ରତିନିଧି ଯୋଗଦେଇଥିଲେ। ଗୁରୁକୁଳ ମୁଖ୍ୟ ସ୍ୱାମୀ ହରିହର ସ୍ୱାଗତ ଭାଷଣ ଦେଇଥିଲେ। ବେଦବିଜ୍ଞାନୀ ଗଙ୍ଗାଧର ପଣ୍ଡା ଏବଂ ଆଚାର୍ଯ୍ୟ ଉମାକାନ୍ତ ସାମନ୍ତ ବେଦଶିକ୍ଷା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥି ତଥା ବିଶ୍ୱବିଦ୍ୟାଳୟ ସଭାପତି ପ୍ରାଧ୍ୟାପିକା ରଞ୍ଜିତା କୁଲକର୍ଣ୍ଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧ୍ୟାପିକା ଡ. ଝରଣା ରାଣୀ ତ୍ରିପାଠୀ ଓ ଗୁରୁକୁଳ ଅଧ୍ୟକ୍ଷ ରାହୁଲ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଧନ୍ୟବାଦ ଦେଇଥିଲେ।



ବୈଦିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ବିଦ୍ୟାର୍ଥୀ।

**ବେଆଇନ କରତକଳ ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ**

କଟକ,(କାର୍ତ୍ତିକ ସାହୁ): ଓଡ଼ିଶା ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ଶୁକ୍ରବାର କଟକ ସଦର ଥାନା ଅନ୍ତର୍ଗତ ଅମଣ ଗ୍ରାମରେ ଚଢ଼ାଉ କରିଛି। ସେଠାରେ ବେଆଇନ ଭାବେ ଚାଲିଥିବା ଏକ କରତକଳର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ କରାଯାଇଛି। ଜବତ ୫୨.୮୦୮ ଘନଫୁଟ ମୂଲ୍ୟବାନ କାଠ ସହ କରତ କଳ ଯନ୍ତ୍ରାଂଶଗୁଡ଼ିକର ମୂଲ୍ୟ ପ୍ରାୟ ୭,୭୬,୬୫୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ କରତ କଳଟି ବିନା ଲାଇସେନ୍ସରେ ଚାଲୁଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ଫୁଲନଖରା ଫରେଷ୍ଟ ରେଞ୍ଜରେ ଏନେଇ ୨ଟି ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

ଖୁଣ୍ଟୁଣୀ,୨୧।୩(ସଚ୍ଚିଦାନନ୍ଦ ପଣ୍ଡା)

ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ୧୮ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଗ୍ରାମର ରାମଚନ୍ଦ୍ର ନାଏକ(୨୩)। ଏନେଇ ପୋଲିସ ୬୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ମୁତାବକ, ଅପରାହ୍ନ ପ୍ରାୟ ୧ଟାବେଳେ ଯୁବତୀ ଗାଧୋଇବାକୁ ପୋଖରୀକୁ ଯାଇଥିଲେ। ସେଠାରେ ରାମଚନ୍ଦ୍ର ତାଙ୍କୁ ପିଛା କରି ଅସଦାଚରଣ କରିଥିଲେ। ସେହି ସମୟରେ ଗ୍ରାମର ଜଣେ ମହିଳା ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତ ସେଠାରୁ ଚାଲି ଯାଇଥିଲେ। ଏନେଇ ଯୁବତୀ ତାଙ୍କ ମା'ଙ୍କୁ ଜଣାଇବାରେ ସେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ସହଯୋଗ ଆବଶ୍ୟକ

ତ୍ରିଶୂଳିଆ,୨୧।୩(ତୁଷାରକାନ୍ତ ବେହେରା)

ମୁଣ୍ଡଳୀସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପରିବେଶ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ବନଖଣ୍ଡର ଏସିଏଫ୍‌ଓ ସନ୍ତୋଷ କୁମାର ପତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇ ପରିବେଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏସିଏଫ୍‌ଓ ପତି ତାଙ୍କ ବକ୍ତବ୍ୟରେ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ଉପରେ କହିଥିଲେ। ପରିବେଶବିତ୍ ଡ. ବିଶ୍ୱାଳ ବିଶ୍ୱତାପାୟନ ଉପରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ରାମରାଜ ସିଂ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଡ. ପ୍ରଦୀପ କୁମାର ଦୋରା ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରର ଉତ୍କର୍ଷ ପାଇଁ ମେଧା ସମ୍ପନ୍ନ ବ୍ୟକ୍ତି ଜରୁରୀ

କଣ୍ଟାପଡ଼ା,୨୧।୩(ସୁରନାରାୟଣ ସାହୁ)

ସୁନ୍ଦରଗ୍ରାମସ୍ଥିତ ଦଧିଚି ସମୂହ ଶିକ୍ଷାନୁଷ୍ଠାନ ପରିସରରେ ୨ଦିନିଆ ରାଷ୍ଟ୍ରୋସ୍କର୍ସ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଏକ ସମୃଦ୍ଧ ରାଷ୍ଟ୍ରର ଉତ୍କର୍ଷ ପାଇଁ ମେଧା ସମ୍ପନ୍ନ ବ୍ୟକ୍ତିଙ୍କ ଜରୁରୀ ଆବଶ୍ୟକତା ରହିଛି ବୋଲି କହିଥିଲେ। ସମାଜର ବିଭିନ୍ନସ୍ତରରେ ମେଧାଶକ୍ତିର ବିକାଶ ଆବଶ୍ୟକ। ସେହିପରି ଗୋ ରକ୍ଷା ଓ ଗୋ ସମ୍ପଦର ସୁରକ୍ଷା ନିହାତି ଜରୁରୀ ବୋଲି ଶଙ୍କରାଚାର୍ଯ୍ୟ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ବବିତା ଦାସ ନାରାୟଣ ପାଦୁକା ପୂଜନ କରିଥିଲେ। ସନ୍ଥ ମହନ୍ତ ଆସୀମାନନ୍ଦ ଦାସ, ବାୟାବାବା, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ବ୍ରହ୍ମଚାରୀ ମାନସ ଚୈତନ୍ୟଙ୍କ ସମେତ ଅନୁଷ୍ଠାନର ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଶଙ୍କରାଚାର୍ଯ୍ୟଙ୍କ ବ୍ୟକ୍ତିଗତ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ବିରୁଜବଳି ପାଠ କରିଥିଲେ। ଗୁରୁବାର ଶଙ୍କରାଚାର୍ଯ୍ୟ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବା ସହ ଭଲ ମଣିଷ ହେବାକୁ କହିଥିଲେ। ପଣ୍ଡିତ ମାତୃ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ବିଦ୍ୱାନ, ଯୋଗଜନ୍ମା ସାହିତ୍ୟିକଙ୍କୁ ଜନ୍ମଦେଇଛି : ରାଜ୍ୟପାଳ

**୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର,୨୧।୩(ସୌମ୍ୟରଞ୍ଜନ ରାଉତ)

ତିନିଦିନିଆ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ମହୋତ୍ସବକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଛନ୍ତି। ଏହି ମହୋତ୍ସବରେ ଦେଶ ବିଦେଶର ଶତାଧିକ କବି, ଲେଖକ ଓ ସାହିତ୍ୟିକଙ୍କ ସମେତ ସାହିତ୍ୟ ଅନୁରାଗୀ ବ୍ୟକ୍ତିବିଶେଷ ଓ ବିଶେଷଜ୍ଞ ଯୋଗଦେଇ ସାହିତ୍ୟ, ସଂସ୍କୃତି, ସଂସ୍କାର, କଳା ଓ ରାଜନୀତି କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିବର୍ତ୍ତନ ଓ ନୂତନତ୍ୱ ଅନୁସନ୍ଧାନ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମପାଟି ଓଡ଼ିଶାର ପ୍ରାଚୀନ ସଂସ୍କୃତିର ପ୍ରଶଂସା କରି କହିଲେ, ଏହି ରାଜ୍ୟ ଅନେକ ବିଦ୍ୱାନ ଓ ଯୋଗଜନ୍ମା ସାହିତ୍ୟିକଙ୍କୁ ଜନ୍ମଦାନ ଦେଇଛି। ଦେଶର ସାହିତ୍ୟ, ସାଂସ୍କୃତିକ ଓ ଐତିହ୍ୟକୁ ନେଇ ଓଡ଼ିଶାର ଦାନ ଅନନ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଯୋଗଦେଇ ଓଡ଼ିଶା ସାହିତ୍ୟ, ସଂସ୍କୃତି ଓ ସଂସ୍କାରର ଭୂମି ବୋଲି ବର୍ଣ୍ଣନା କରିଥିଲେ। ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତି ପୁରାତନ କଳିଙ୍ଗ ଓ ଇଣ୍ଡୋନେସିଆର ବାଲି, ସୁମାତ୍ରା ଓ ଜାଭାର ଐତିହାସିକ ବାଣିଜ୍ୟ ଓ ବ୍ୟବସାୟିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହା କିଭଳି ଦୁଇ ଦେଶକୁ ଆଜି ପର୍ଯ୍ୟନ୍ତ ସାଂସ୍କୃତିକ ଭାବେ ବାନ୍ଧି ରଖିଛି ତାହା ଉପରେ ସେ ମତପ୍ରକାଶ କହିଥିଲେ। ପରେ ହିନ୍ଦୀ ଲେଖିକା ମମତା କାଳିଆ, ଅନୁବାଦକ ପ୍ରାଧ୍ୟାପକ ଯତୀନ୍ଦ୍ର ନାୟକଙ୍କୁ 'କଳିଙ୍ଗ ସାହିତ୍ୟ ପୁରସ୍କାର' ଦିଆଯାଇଥିବାବେଳେ ସଂସ୍କୃତ ଅଧ୍ୟାପକ ସିନିରୁଦ୍ଧ ଦାସ ଓ ମମତା ମିଶ୍ରଙ୍କୁ 'କଳିଙ୍ଗ ଅନ୍ତର୍ଜାତୀୟ ପୁରସ୍କାର' ଏବଂ ନେପାଳୀ ଲେଖକ ବୁଧିସାଗରଙ୍କୁ 'ଯୁବ କଳିଙ୍ଗ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ରାଜଧାନୀର ୩ ସ୍ଥାନରେ ଏହି ସାହିତ୍ୟ ଉତ୍ସବ ଚାଲିବ ଓ ସାହିତ୍ୟର ସ୍ଥାନୀୟ, ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସମ୍ପର୍କରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଧିବେଶନ ଅନୁଷ୍ଠିତ ହେବ।



ମହୋତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ଅନ୍ୟମାନେ।

# ୧୮ତମ ମହାଶିଶୁପର୍ବର ଶୁଭାରମ୍ଭ

ଟକ ସଦର,୨୧।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ୪୨ ମୌଜାସ୍ଥିତ କୂଳସରିଚୁଆଁର ରେକୀ ମିଶନ ସ୍କୁଲ ଆନୁକୂଲ୍ୟରେ ମହାଶିଶୁପର୍ବ ଶୁକ୍ରବାର ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୧୩୦ ସ୍କୁଲରୁ ଆସିଥିବା ଶତାଧିକ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଗଳ୍ପ ଲିଖନ ଓ ସଙ୍ଗୀତ ପ୍ରତିଯୋଗିତାମାନ କରାଯାଇଥିଲା। କଟକର ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ, ଶିକ୍ଷାବିତ୍, କଳା ନିର୍ଦ୍ଦେଶକଙ୍କ ଦ୍ୱାରା ଆଜିର ପ୍ରତିଯୋଗିତାର ମୂଲ୍ୟ ନିରୂପଣ କରାଯାଇଥିଲା। ପୂଜ୍ୟଗୁରୁ ଶ୍ରୀସନ୍ଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ଭାରତ ଭୂଷଣ ରାୟ ପରିଚାଳନା କରିଥିଲେ। ଗୁରୁସେନାର ମୁଖ୍ୟ ବାପି ବରାଳ, ସ୍କୁଲ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସମସ୍ତ ପ୍ରତିଯୋଗିତା କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର, ପ୍ରିୟଙ୍କା ବେହେରା, ତୃପ୍ତି ନାୟକ, କାଜଲ ପ୍ରଧାନ, ଅଲିଭା ଦଳାଇ, ପ୍ରିୟତମା ସ୍ୱାଇଁ, ବର୍ଷା ମୂଳିଆ, ସ୍ମୃତିପ୍ରଜ୍ଞା ମହାପାତ୍ର, କବିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଷ୍ଟ୍ରର ଉତ୍କର୍ଷ ପାଇଁ ମେଧା ସମ୍ପନ୍ନ ବ୍ୟକ୍ତି ଜରୁରୀ

କଣ୍ଟାପଡ଼ା,୨୧।୩(ସୁରନାରାୟଣ ସାହୁ)

ସୁନ୍ଦରଗ୍ରାମ ସ୍ଥିତ ଦଧିଚି ସମୂହ ଶିକ୍ଷାନୁଷ୍ଠାନ ପରିସରରେ ୨ ଦିନିଆ ରାଷ୍ଟ୍ରୋସ୍କର୍ସ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଏକ ସମୃଦ୍ଧ ରାଷ୍ଟ୍ରର ଉତ୍କର୍ଷ ପାଇଁ ମେଧା ସମ୍ପନ୍ନ ବ୍ୟକ୍ତିଙ୍କ ଜରୁରୀ ଆବଶ୍ୟକତା ରହିଛି ବୋଲି କହିଥିଲେ। ସମାଜର ବିଭିନ୍ନସ୍ତରରେ ମେଧାଶକ୍ତିର ବିକାଶ ଆବଶ୍ୟକ। ସେହିପରି ଗୋ ରକ୍ଷା ଓ ଗୋ ସମ୍ପଦର ସୁରକ୍ଷା ନିହାତି ଜରୁରୀ ବୋଲି ଶଙ୍କରାଚାର୍ଯ୍ୟ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ବବିତା ଦାସ ନାରାୟଣ ପାଦୁକା ପୂଜନ କରିଥିଲେ। ସନ୍ଥ ମହନ୍ତ ଆସୀମାନନ୍ଦ ଦାସ, ବାୟାବାବା, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ବ୍ରହ୍ମଚାରୀ ମାନସ ଚୈତନ୍ୟଙ୍କ ସମେତ ଅନୁଷ୍ଠାନର ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଶଙ୍କରାଚାର୍ଯ୍ୟଙ୍କ ବ୍ୟକ୍ତିଗତ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ବିରୁଜବଳି ପାଠ କରିଥିଲେ। ଗୁରୁବାର ଶଙ୍କରାଚାର୍ଯ୍ୟ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବା ସହ ଭଲ ମଣିଷ ହେବାକୁ କହିଥିଲେ। ପଣ୍ଡିତ ମାତୃ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପବିତ୍ର ଉପବାସ ମାସ ପାଳନ ଅବସରରେ ଶୁକ୍ରବାର କଟକ କେଶରପୁର ଅଞ୍ଚଳରେ ଏକ ଦୋକାନରୁ ମୁସଲିମ୍ ସମ୍ପ୍ରଦାୟର ଲୋକେ ଲଚ୍ଛା କିଣୁଛନ୍ତି।

# ବିଶ୍ୱ କବିତା, ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ ପାଳିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସ୍ୱାଭିମାନ ସହଯୋଗରେ ବିଶ୍ୱ କବିତା ଦିବସ ଏବଂ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଛି। ଭାରତୀୟ ବିଦ୍ୟାଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାଉନ୍ ସିଣ୍ଡ୍ରୋମ୍ ସଚେତନତାର ଗୁରୁତ୍ୱ ଏବଂ ଆଜିର ବିଶ୍ୱରେ କବିତାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରାଯାଇଥିଲା। ପବିତ୍ର ମୋହନ କର ଡାଉନ୍ ସିଣ୍ଡ୍ରୋମ ଅଧିବେଶନର ନେତୃତ୍ୱ ନେଇଥିଲେ। ଏଥିରେ ଜଡ଼ିତ ଥିବା ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକ ଚ୍ୟାଲେଞ୍ଜ ଓ ସମର୍ଥନ ବ୍ୟବସ୍ଥା ଉପରେ ପବିତ୍ରଙ୍କ ଆଲୋଚନା ମୂଲ୍ୟବାନ୍ ଦୃଷ୍ଟିକୋଣ ପ୍ରଦାନ କରିଥିଲା। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶୁତୋଷ ପରିଡା, ଶକ୍ତି ମହାନ୍ତି, ସରୋଜ ବଳ, ଶୁଭଶ୍ରୀ ସୁଭାସ୍ମିତା ମିଶ୍ର, ସଂଗ୍ରାମ ଜେନା, କେଦାର ମିଶ୍ର, ବାଦଲ ମହାନ୍ତି, ସ୍ୱପ୍ନା ମିଶ୍ର ପ୍ରମୁଖ କବିତା ପାଠ କରି ସ୍ୱର୍ଗତ ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଜେ.ପି. ଦାସଙ୍କ ପୁସ୍ତକ 'ସୁଭଦ୍ରାଙ୍କ ଆଖି' ଉନ୍ମୋଚିତ ହୋଇଥିଲା। ରବୀନ୍ଦ୍ର କେ. ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ କପିଳାସ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ କ୍ରିକେଟ୍ ମ୍ୟାଚରେ ଫିଲ୍ଡିଂ କରିବା ପାଇଁ ପ୍ରେସିଡେଣ୍ଟ ଦ ହାଇକୋର୍ଟ ବାର୍ ଆସୋସିଏଶନର ଖେଳାଳିମାନେ ପଡ଼ିଆକୁ ପ୍ରବେଶ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

## ଭାରତମାତା ପୂଜନ ସମିତିର ନୂତନ କର୍ମକର୍ତ୍ତା ଚୟନ

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତମାତା ପୂଜନ ସମିତିର ଏକ ସାଧାରଣ ଅଧିବେଶନ ଶୁକ୍ରବାର ସିଡିଏରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିବାବେଳେ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମିତିର ନୂତନ କର୍ମକର୍ତ୍ତା ଭାବେ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଦୁର୍ଯ୍ୟୋଧନ ଲେଙ୍କା ଓ ବୀରେନ୍ଦ୍ର କୁମାର ସାହୁ, ସଭାପତି ଭିକାରୀ ଦାସ, ଉପସଭାପତି ସବିତାରଞ୍ଜନ ପଟ୍ଟନାୟକ, ଦୟାନିଧି ଲେଙ୍କା, ରଜନୀକାନ୍ତ ଦାସ, ଲକ୍ଷ୍ମୀଧର ପ୍ରଧାନ ଓ ଗୀତାରାଣୀ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସଂଗଠନ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ଦାସ, ମନୋରମା ରାଉତ, ବ୍ରହ୍ମାନନ୍ଦ ସିଂହ, ପ୍ରଦୀପ ମହାରଣା, ବିଶ୍ୱଜିତା ଜେନା ଓ ନିଶିକାନ୍ତ ସେଠୀ, କୋଷାଧ୍ୟକ୍ଷା ଗୀତାଞ୍ଜଳି ବେଉରାଙ୍କ ସମେତ ୩୧ଜଣଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସର୍ବସମ୍ମତକ୍ରମେ ମନୋନୀତ କରାଯାଇଛି। ଏହି କମିଟିର କାର୍ଯ୍ୟକାଳ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରହିବ। ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବାସନ୍ତୀ ଦୁର୍ଗାପୂଜା ତିଥିରେ ଏପ୍ରିଲ ୫ ଠାରୁ ଭାରତମାତାଙ୍କ ପୂଜା ଆରମ୍ଭ ହୋଇ ୭ ତାରିଖ ବିଜୟା ଦଶମୀ ତିଥିରେ ବିସର୍ଜନ କରାଯିବ ବୋଲି ସୂଚନା ଦେଇଛନ୍ତି। ଉପସଭାନେତ୍ରୀ ଗୀତାରାଣୀ ଦାସ ଧନ୍ୟବାଦ ଦେଇଥିଲେ।

## କୁନି ପିଲାଙ୍କୁ ବସ୍ତ୍ର, ଖାଦ୍ୟ ବଣ୍ଟନ

କଟକ ସଦର,୨୧।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ବେଣ୍ଟକାର ପଞ୍ଚାୟତର ଶବଳପୁର ବସ୍ତିଠାରେ ଶୁକ୍ରବାର ଗରିବ କୁନି ପିଲା ଓ ମହିଳାଙ୍କୁ ବସ୍ତ୍ର, ଖାଦ୍ୟ ବଣ୍ଟନ କରାଯାଇଛି। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକଙ୍କ ଦ୍ୱାରା ଏହି ବଣ୍ଟନ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ୟୁନିୟନର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ସହରରେ ପରିମଳ ଅବ୍ୟବସ୍ଥା

**ନଗର ଉନ୍ନୟନ ମନ୍ତ୍ରୀଙ୍କୁ ୨୬ନଂ କର୍ପୋରେଟରଙ୍କ ସ୍ମାରକ ପତ୍ର**

କଟକ, ୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)



ସିଏମ୍‌ସି ୱାର୍ଡ ନଂ ୨୬ର କର୍ପୋରେଟର ଗଗନ ଓଝା ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ କଟକ ସହରର ୫୯ଟି ୱାର୍ଡରେ ସିଏମ୍‌ସି ଦ୍ୱାରା ସହରର ପରିମଳ ପରିଚାଳନା ପାଇଁ ୩ଟି ଏଜେନ୍ସିକୁ ୩ବର୍ଷ ହେବ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉକ୍ତ ସଂସ୍ଥା ସବୁ ପ୍ରକାରର ନିୟମ ଖିଲାପ କରି କାମ କରୁଛନ୍ତି। ୱାର୍ଡରେ ଠିକ୍ ଭାବେ ସଫେଇ ନ କରିବା, ଆବର୍ଜନାକୁ ୱାର୍ଡରୁ ସ୍ଥାନାନ୍ତର ନ କରିବା, ୱାର୍ଡ଼କୁ ଆବର୍ଜନା ସଫେଇ ଗାଡ଼ି ନିୟମିତ ନ ଆସିବା, ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ନ କରିବା, ପରିମଳ ସଫେଇ ସହ ଡ୍ରେନରୁ ପଙ୍କଉଦ୍ଧାର ଓ ୱାର୍ଡରେ ବୁଦ୍ କଟିଂ କାର୍ଯ୍ୟ ଠିକ ଭାବେ ନ କରିବା ଭଳି ଅନେକ ସମସ୍ୟା ନେଇ ଉଲ୍ଲେଖ କରାଯାଇଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ କରି ଉକ୍ତ ସଂସ୍ଥାର ସମସ୍ତ କାର୍ଯ୍ୟକୁ ସମୀକ୍ଷା କରିବା ସହ କୌଣସି ତ୍ରୁଟି ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ମନ୍ତ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିବା କର୍ପୋରେଟର ଓଝା ସୂଚନା ଦେଇଛନ୍ତି।

# ବେଦରେ ଉପଲବ୍ଧ ଜୀବନ ଜିଇଁବାର କଳା

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ବୈଦିକ ସମ୍ମିଳନୀ ଉଦ୍‌ଘାଟିତ**

ବାରଙ୍ଗ/ତ୍ରିଶୂଳିଆ,୨୧।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)



କୁହାଯାଏ, ବେଦରେ ସମଗ୍ର ସଂସାରର ଗୁଣ ନିହିତ ରହିଛି। ଏଥିରେ ମାନବ ଜୀବନ ଜିଇଁବାର କଳା, ବ୍ରହ୍ମଚର୍ଯ୍ୟ ସମେତ ମାନବ ଜୀବନଧାରଣ କରିବାଯୋଗ୍ୟ ସଂସ୍କାର, ସଂସ୍କୃତି ଏବଂ ମାନବ ଧର୍ମ କଥା ଉଲ୍ଲେଖ ରହିଛି, ଯାହା ଉପରେ ଗବେଷଣାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଏହି ଉଦ୍ଦେଶ୍ୟ ସହ ୪ ବେଦର ମନ୍ତ୍ର ପ୍ରତ୍ୟେକ ଜନପଦ ଓ ଜନବସତିରେ ପହଞ୍ଚାଇବା ଲକ୍ଷ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ୩ଦିନିଆ ଆଞ୍ଚଳିକ ବୈଦିକ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ଅଧୀନ ବେଦ ବିଜ୍ଞାନ ମହାବିଦ୍ୟାପୀଠ-ଶ୍ରୀ ଶ୍ରୀ ଗୁରୁକୁଳ ପକ୍ଷରୁ ଆରମ୍ଭ ହୋଇଯାଇଛି। କଟକ ସିଡିଏ ସେକ୍ଟର-୬ଠାରୁ ସେକ୍ଟର-୯ ଶିବମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଜରିଆରେ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ ଉଜ୍ଜୟିନୀସ୍ଥିତ ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନ ସହ ବହୁ ସଂସ୍କୃତ ଶିକ୍ଷା ପ୍ରତିଷ୍ଠାନରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ବହୁ ପ୍ରତିନିଧି ଯୋଗଦେଇଥିଲେ। ଗୁରୁକୁଳ ମୁଖ୍ୟ ସ୍ୱାମୀ ହରିହର ସ୍ୱାଗତ ଭାଷଣ ଦେଇଥିଲେ। ବେଦବିଜ୍ଞାନୀ ଗଙ୍ଗାଧର ପଣ୍ଡା ଏବଂ ଆଚାର୍ଯ୍ୟ ଉମାକାନ୍ତ ସାମନ୍ତ ବେଦଶିକ୍ଷା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥି ତଥା ବିଶ୍ୱବିଦ୍ୟାଳୟ ସଭାପତି ପ୍ରାଧ୍ୟାପିକା ରଞ୍ଜିତା କୁଲକର୍ଣ୍ଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧ୍ୟାପିକା ଡ. ଝରଣା ରାଣୀ ତ୍ରିପାଠୀ ଓ ଗୁରୁକୁଳ ଅଧ୍ୟକ୍ଷ ରାହୁଲ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଫୁଟ୍‌ବଲ କ୍ଲବକୁ ହରାଇ ନିତା ଫୁଟ୍‌ବଲ ଏକାଡେମୀ ବିଜୟୀ

ଖୁଣ୍ଟୁଣୀ,୨୧।୩(ସଚ୍ଚିଦାନନ୍ଦ ପଣ୍ଡା)

ଭୁବନେଶ୍ୱରର କ୍ୟାପିଟାଲ ଆରେନା ଫୁଟ୍‌ବଲ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ସର୍ବଭାରତୀୟସ୍ତରୀୟ ଇଣ୍ଡିଆନ ଓମେନ୍ସ ଲିଗ୍ ୨୦୨୪-୨୫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ଓଡ଼ିଶା ଫୁଟବଲ କ୍ଲବକୁ ୨-୧ ଗୋଲରେ ପରାସ୍ତ କରି ନିତା ଫୁଟବଲ ଏକାଡେମୀ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୧୬ ମିନିଟ୍‌ରେ ଓଡ଼ିଶା ଫୁଟବଲ କ୍ଲବର ନେହା ଗୋଟିଏ ଗୋଲ ଦେଇଥିଲେ। ଜବାବରେ ନିତା ଫୁଟବଲ ଏକାଡେମୀର ମନୀଷା ନାଏକ ଖେଳର ୭୨ ମିନିଟ୍‌ରେ ଓ ରାହାମା ଜାଫାରୁ ୭୫ ମିନିଟ୍‌ରେ ଗୋଟିଏ ଗୋଲ ଦେଇ ତାଙ୍କ ଦଳକୁ ବିଜୟୀ କରିଥିଲେ। ନିତା ଏକାଡେମୀ ୧୩ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ଇଷ୍ଟ ବେଙ୍ଗଲ ଓ ଗୋକୁଲମ କେରଳ ଫୁଟ୍‌ବଲ କ୍ଲବ ରହିଛି। ମନିକା ମିଞ୍ଜ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏନେଇ ଏକାଡେମୀ ପକ୍ଷରୁ ନିତା ଫୁଟ୍‌ବଲ ଏକାଡେମୀ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ଦାସ ଓ ସମ୍ପାଦକ ଅରୁଣ କୁମାର ପରିଜା ସମସ୍ତ ଖେଳାଳି, କୋଚ, କର୍ମକର୍ତ୍ତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୬ ତାରିଖରେ ପଶ୍ଚିମବଙ୍ଗର କଲ୍ୟାଣି ଷ୍ଟାଡିୟମଠାରେ ଇଷ୍ଟବେଙ୍ଗଲ କ୍ଲବ ଓ ନିତା ଫୁଟବଲ ଏକାଡେମୀ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ନିତା ଏକାଡେମୀ ପକ୍ଷରୁ ସୂଚନା ମିଳିଛି।




ବଲ୍ ନେବା ପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ଟକ୍କର।

# ସ୍ଥାୟୀ ବିକାଶରେ ସମବାୟ ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସମବାୟ ସମିତି ସମୂହ ଉପନିବନ୍ଧକ କାର୍ଯ୍ୟାଳୟ(ଡିଆରସିଏସ୍) ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସମବାୟ ବର୍ଷ ସ୍ଥାନୀୟ ଜୟୀ ରାଜଗୁରୁ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିଆର୍‌ସିଏସ୍ ଅଲକାନନ୍ଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ସଭାପତି ଅଭିଷେକ ସିଂ ସାମନ୍ତ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସହକାରୀ ସମବାୟ ନିବନ୍ଧକ ଭୁବନେଶ୍ୱରର ଲଳିତ କୁମାର ବିଶ୍ୱାଳ, ପ୍ରିୟବ୍ରତ ପଣ୍ଡା, ଅତିରିକ୍ତ ସହକାରୀ ନିବନ୍ଧକ ଖୋର୍ଦ୍ଧା ଉର୍ମିଳା ଦାଶ, ଭାଗବତ ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ଏହି ଅବସରରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ସମବାୟ ସଂସ୍ଥାଗୁଡ଼ିକୁ ସଙ୍ଗଠନ ଭାବେ ସ୍ୱୀକୃତି ମିଳିଛି। ନାଗରିକମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ଏବଂ ଜୀବନକୁ ପ୍ରଭାବୀ ଢଙ୍ଗରେ ଉନ୍ନତ କରିପାରିବେ। ସମବାୟ ଆନ୍ଦୋଳନ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପ୍ରମୁଖ ଅଂଶୀଦାର ଭାବେ ମଧ ସ୍ୱୀକୃତି ପାଇଛି। ସମବାୟଯୁକ୍ତ ସଦସ୍ୟତା, ମଡେଲ ସମ୍ପଦ ସୃଷ୍ଟି, ଦାରିଦ୍ର୍ୟ ଦୂରୀକରଣ ପାଇଁ ସୁବିଧା ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ସେହିପରି କେସିସିବି ସଭାପତି ସିଂସାମନ୍ତ କହିଥିଲେ ଯେ, ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସମବାୟ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ତର୍ଜାତୀୟ

## ଅନ୍ତର୍ଜାତୀୟ ସମବାୟ ବର୍ଷ

ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଗ୍ରାମ୍ୟ ଜୀବନକୁ ବିକଶିତ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରେ ଗୋଟିଏ ଲେଖାଏ ପ୍ୟାକ୍ସ, ଲ୍ୟାମ୍ପସକୁ ଆଦର୍ଶ ସମବାୟ ସମିତି ଭାବେ ଗଢ଼ିତୋଳିବାକୁ ସମସ୍ତ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୃଙ୍ଖଳିତ, ସରଳ ତଥା କୃଷକ ଅଭିମୁଖୀ ପାଇଁ ଧାନ ସଂଗ୍ରହ କେନ୍ଦ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ସଭାପତିତ୍ୱ ଭାଷଣରେ ଡିଆର୍‌ସିଏସ୍ ଜେନା କହିଥିଲେ, ଗ୍ରାମାଞ୍ଚଳରେ ସମବାୟ ଭିତ୍ତିଭୂମି ସୁଦୃଢ଼ ପାଇଁ ପ୍ରତ୍ୟେକ ପଞ୍ଚାୟତ, କୃଷି ସମବାୟ ସମିତି(ପ୍ୟାକ୍ସ/ଲ୍ୟାମ୍ପସ) ଗଠନ କରାଯାଇଛି। ପ୍ୟାକ୍ସ, ଲ୍ୟାମ୍ପସମାନଙ୍କ ବହୁମୁଖୀ ପାଇଁ ସେମାନଙ୍କ କାର୍ଯ୍ୟର ପରିସୀମାକୁ ବୃଦ୍ଧି କରାଯାଇ, କୃଷିଋଣ ପ୍ରଦାନ ସହିତ ଅନ୍ୟାନ୍ୟ କୃଷିଭିତ୍ତିକ ଆନୁଷଙ୍ଗିକ ବ୍ୟବସାୟ ପାଇଁ ପ୍ରୋତ୍ସାହିତ କରାଯାଉଛି। ଉନ୍ନତ ବିହନ, ସାର ଓ କୀଟନାଶକ ଯୋଗାଇଦେବା ଏବଂ କୃଷି ସମ୍ପର୍କିତ ଉପଯୋଗୀ ସୂଚନା ତଥା ମାର୍ଗଦର୍ଶନ ପାଇଁ ପ୍ୟାକ୍ସରେ ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି କେନ୍ଦ୍ର(ପିଏମ୍‌କେଏସ୍‌କେ) ସ୍ଥାପନ କରାଯାଇଛି। କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ସାରଥି ଶତପଥୀ ଅତିଥିଙ୍କ ପରିଚୟ ସହିତ ସ୍ୱାଗତ ଭାଷଣରେ କହିଥିଲେ, ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷିଋଣ ସମବାୟ ସମିତିମାନଙ୍କ ଦ୍ୱାରା ମଧ୍ୟମ ଓ ଦୀର୍ଘମିଆଦୀ କୃଷିଋଣ ଯଥା କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି, ଗୋପାଳନ, କୃଷି ଉପକରଣ, ପମ୍ପସେଟ୍ କ୍ରୟ ଆଦି ନିମନ୍ତେ ଋଣ ପ୍ରଦାନକୁ ଗୁରୁତ୍ୱ ଦିଆଯାଇ ସରକାରଙ୍କ ସୁଧ ରିହାତି ଯୋଜନାରେ ଚାଷୀମାନଙ୍କୁ ୭ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ମହିଳା ସଶକ୍ତୀକରଣ ଲକ୍ଷ୍ୟରେ ଏସ୍‌ଏଚ୍‌ଜିଙ୍କୁ ପ୍ରାଥମିକତା ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ କେସିସିବିର ସମସ୍ତ ସଭାପତି, ସମ୍ପାଦକ, ସମବାୟବିତ୍, ଚାଷୀ, ସଫଳ ଉଦ୍ୟୋଗୀ, ଏସ୍‌ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ।


ଶୁକ୍ରବାର ରାତିରେ ଖୋର୍ଦ୍ଧା ଟ୍ରାଫିକ ଛକଠାରେ ଏକ କ୍ୟାବିନରେ ନିଆଁ ଲାଗିଛି।

## ପାଇକ ଆଖଡ଼ାକୁ ସ୍ୱତନ୍ତ୍ର ମାନ୍ୟତା ଦାବି

କୃଷ୍ଣପ୍ରସାଦ,୨୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ପଡ଼ିଆରେ ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଂଘର ୨ୟ ଦିନର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗେନ୍ଦ୍ର ବୈରୀଗଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସୈନିକ ତଥା ସାମାଜିକ କର୍ମୀ ଦୀପକ କୁମାର ଜେନା, ରାଜ୍ୟ ପାଇକ ସଂଯୋଜକ ସୁବାସ ଚନ୍ଦ୍ର ଜେନା, ପାଇକ ସଂଘ ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମରକଳା ପାଇକ ଆଖଡ଼ାକୁ ସ୍ୱତନ୍ତ୍ର ମାନ୍ୟତା ଦେବା ସହ ବିଦ୍ୟାଳୟରେ ପାଇକ କ୍ରୀଡ଼ା ଶିକ୍ଷାଦେବା ଆବଶ୍ୟକ ବୋଲି କହିଥିଲେ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ଦେଶ ସେବା ପାଇଁ ସୈନିକ ଭାବେ କାର୍ଯ୍ୟ କରିବା ଲାଗି ଏକ ପୃଷ୍ଠଭୂମି ତିଆରି ହୋଇପାରିବ। ଉକ୍ତ ସମାବେଶରେ ପିଲାମାନେ ପାଇକ ଆଖଡା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଜେନା କହିଥିଲେ, ସରକାର ପାଇକ କ୍ରୀଡ଼ାକୁ ପ୍ରୋତ୍ସାହନ ଯୋଗାଇଦେବା ଆବଶ୍ୟକ। କ୍ରୀଡ଼ାବିତ୍ ପ୍ରଭାତ କୁମାର ପଲେଇ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୯ ଗିରଫ

ବେଗୁନିଆ,୨୧।୩(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ସଦର ରେଞ୍ଜ୍ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୨୩୯ ଲିଟର ଦେଶୀମଦ ଜବତ କରିବା ସହ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସିକୋ ଗ୍ରାମର ଅର୍ଜ୍ଜୁନ ପ୍ରଧାନଙ୍କଠାରୁ ୩୨ ଲିଟର, ପ୍ରକାଶ କୁମାର ପାତ୍ରଙ୍କଠାରୁ ୧୧ ଲିଟର, ମୁକ୍ତାପୁର ଗ୍ରାମର ରମେଶ ପାଇକରାୟଙ୍କଠାରୁ ୭ ଲିଟର, ହୀରାପୁର ଗ୍ରାମର କୃପାସିନ୍ଧୁ ରଥଙ୍କଠାରୁ ୯୨ ଲିଟର, ଗଡ଼ମାଣତୀର ଗ୍ରାମର ବଳରାମ ନାୟକଙ୍କଠାରୁ ୨୬ ଲିଟର, ଜଗବନ୍ଧୁ ନାୟକଙ୍କଠାରୁ ୨୭ ଲିଟର ଏବଂ ପଦ୍ମଚରଣ ପାଟଶାଣୀଙ୍କଠାରୁ ୬ ଲିଟର ଦେଶୀମଦ ଜବତ କରି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ୍ ସୂଚନା ଦେଇଛନ୍ତି। ସେହିପରି ଜିଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡି କର୍ମଚାରୀମାନଙ୍କ ସହ ବୋଲଗଡ଼ର ଖଙ୍ଗୁରିଆ ଏବଂ ଆରିକିମାରେ ଚଢ଼ାଉକରି ୩୮ ଲିଟର ଦେଶୀମଦ ଜବତ କରିବା ସହ ପ୍ରଫୁଲ୍ଲ କୁମାର ରାଉତରାୟ ଏବଂ ପରମାନନ୍ଦ ସ୍ୱାଇଁଙ୍କୁ ଗିରଫକରି କୋର୍ଟଚାଲାଣ କରିଛନ୍ତି।

### କୃଷ୍ଣମୋହନଙ୍କୁ ଶ୍ରଦ୍ଧାଞ୍ଜଳି

ବୋଲଗଡ଼,୨୧।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ସାମାଜିକକର୍ମୀ ତଥା ପୂର୍ବତନ ସରପଞ୍ଚ କୃଷ୍ଣମୋହନ ପାଲଟାସିଂହଙ୍କ ଏକଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ପ୍ରଦୀପ ସାହୁ, ନୟାଗଡ଼ ବିଧାୟକ ଅରୁଣ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଭାଜପା ନେତା ପ୍ରକାଶ ବିଜୁଳି, କାଳୀଚରଣ ଜୟସିଂହ, ବିଡିଓ ଶରତ ମଲ୍ଲିକ, ଜୟଶ୍ରୀ ପଟ୍ଟନାୟକ, ହରିବନ୍ଧୁ ସାହୁ, ଗୋପୀନାଥ ଖାଡଙ୍ଗା, ଦିବାକର ପରମଗୁରୁ, ରଘୁନାଥ ଦଳବେହେରା, ବାଇନ ସିଂ, ଅମିୟ ପଟ୍ଟନାୟକ, ସୁମନ୍ତ ଛୋଟରାୟ, ପ୍ରଫୁଲ୍ଲ ମହାପାତ୍ର, ରବୀନ୍ଦ୍ର ସୁବୁଦ୍ଧି, ଲୁସି ପାଢ଼ୀ, ଗୌରୀ ଦେବୀ, ରଘୁନାଥ ଷଡ଼ଙ୍ଗୀ, ବାନାମ୍ବର ମାଝି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ନାୟକ ଓ ଅଖିଳେଶ ମହାପାତ୍ର ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ସୂଚନା ଅଧିକାର ଆଇନ କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ସୂଚନା ଅଧିକାର ଆଇନ କର୍ମଶାଳା

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାଷ୍ଟର ଟ୍ରେନର ହର୍ଷ ପରିଚ୍ଛା ସମସ୍ତ ଏଫ୍‌ଏଏ ଏବଂ ପିଆଇଓମାନଙ୍କୁ ସୂଚନା ଅଧିକାରର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩୧ତାରିଖ ସୁଦ୍ଧା ସବୁ କାର୍ଯ୍ୟାଳୟରେ ୧୭ଟି ମାନୁଆଲ ୪ (୧) (ଖ) ର ଅଧିନିୟମ ଓଡ଼ିଆ ଭାଷାରେ ଉପଲବ୍ଧି ପାଇଁ ଗୁରୁତ୍ୱାରୋପ କକାଯାଇଥିଲା। ଅତିରିକ୍ତ ଜିଲାପାଳ ବେଉରା ସୂଚନା ଅଧିକାରର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କ୍ୟାସବୁକ୍, ରେଜିଷ୍ଟର ଆଦି ଠିକ୍ ରଖିବାକୁ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଦରଖାସ୍ତକାରୀଙ୍କ ତଥ୍ୟ ଠିକ୍ ସମୟରେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

## ଟ୍ରକ୍ ପଛକୁ ପିଟିଲା ପାର୍ସଲ ଭ୍ୟାନ୍, ୪ ଗୁରୁତର

ବାଲୁଗାଁ,୨୧।୩(ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ରାସ୍ତା ୧୬ ନମ୍ବର ଜାତୀୟ ରାଜପଥର ବେଲପଡ଼ା ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଟ୍ରକ୍ ପଛକୁ ପାର୍ସଲ ଭ୍ୟାନ୍ ଧକ୍କାଦେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ପଥରା ଅଞ୍ଚଳର ବାଦଲ ବେହେରା(୪୦) ଏବଂ ତାଙ୍କ ୧୩ ବର୍ଷର ଝିଅ, ୧୦ ବର୍ଷ ଓ ୭ ବର୍ଷର ଦୁଇ ପୁଅ। ସୂଚନା ମୁତାବକ, ବାଦଲ ପିଲାମାନଙ୍କୁ ନେଇ ପୁରୀ ଯିବା ପାଇଁ ଅପରାହ୍ନରେ ପଥରା ଛକଠାରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ବ୍ରହ୍ମପୁରପଟୁ ଭୁବନେଶ୍ୱର ଅଭିମୁଖେ ଏକ ପାର୍ସଲ ଭ୍ୟାନ୍(ଓଡି୦୨ସିଓ୍ୱାଇ ୩୩୪୯) ଆସୁଥିବା ବେଳେ ସେମାନଙ୍କୁ ବସାଇ ଆଣିଥିଲା। ବେଲପଡ଼ା ପେଟ୍ରୋଲ ପମ୍ପ ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛକୁ ପାର୍ସଲ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବାଦଲ ଏବଂ ତାଙ୍କ ପୁଅଝିଅ ଆହତ ହୋଇଥିଲେ। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଉଦ୍ଧାରକରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସମସ୍ତ ଆହତଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ପାର୍ସଲ ଭ୍ୟାନ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ଗିରିଧାରୀ ସଭାପତି, ସଞ୍ଜୟ ସମ୍ପାଦକ

### ଓଡ଼ିଶା ପୋଲିସ ହାବିଲଦାର ଓ କନ୍‌ଷ୍ଟେବଲ ଖୋର୍ଦ୍ଧା ଜିଲା ଶାଖା ସଂଘ ନିର୍ବାଚନ


ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ପୋଲିସ ହାବିଲଦାର ଓ କନ୍‌ଷ୍ଟେବଲ ଖୋର୍ଦ୍ଧା ଜିଲା ଶାଖା ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନୂତନଭାବେ ନିର୍ବାଚିତ କର୍ମକର୍ତ୍ତା ଶପଥ ପାଠ ସହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ତରତୁଆସ୍ଥିତ ସଂରକ୍ଷିତ ପୋଲିସ କାର୍ଯ୍ୟାଳୟଠାରେ ରିଜର୍ଭ ଇନ୍ସପେକ୍ଟର ସତ୍ୟକାନ୍ତ ମନୋରଞ୍ଜନ ଜେନାଙ୍କ ସଂଯୋଜନାରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ଶପଥପାଠ କରାଇଥିଲେ। ଚଳିତବର୍ଷ ସଭାପତିଭାବେ କନ୍‌ଷ୍ଟେବଲ( ୨୨୧) ଗିରିଧାରୀ ସିଂ ମାଝୀ, ଉପସଭାପତି କନ୍‌ଷ୍ଟେବଲ (୧୯୭) ନିହାର ରଞ୍ଜନ ଶ୍ରୀଚନ୍ଦନ, ସମ୍ପାଦକ ଭାବେ କନ୍‌ଷ୍ଟେବଲ (୪୨୯) ସଞ୍ଜୟ ସେନାପତି, କୋଷାଧ୍ୟକ୍ଷ ଭାବେ ହାବିଲଦାର(୨୮୬) ସଞ୍ଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଭାବେ କନ୍‌ଷ୍ଟେବଲ (୨୬୨) ସୁଧାଂଶୁ କୁମାର ସାମନ୍ତସିଂହାର ଓ ହାବିଲଦାର (୪୬୧) ହରିନାଥ ହେମ୍ବ୍ରମ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟଭାବେ କନ୍‌ଷ୍ଟେବଲ(୪୯୦) ବାବୁଲି ବେହେରା, କନ୍‌ଷ୍ଟେବଲ (୫୬୬) ମିଟୁ କୁମାର ପାଲ, କନଷ୍ଟେବଲ (୪୫୪) ରାଜେଶ କୁମାର ବିଶ୍ୱାଳ, କନ୍‌ଷ୍ଟେବଲ(୪୭୩) ମମତା ବେହେରା, କନ୍‌ଷ୍ଟେବଲ (୪୦୬) ନିଲୁ ଚରଣ ମଲ୍ଲିକ ପ୍ରମୁଖ ପଦ ଓ ଗୋପନୀୟତାର ଶପଥପାଠ କରି ଦାୟିତ୍ୱ ନେଇଛନ୍ତି। ଏହି ଶପଥଗ୍ରହଣ ଉତ୍ସବରେ ଜିଲାରେ ଥିବା ସମସ୍ତ ଥାନା, ଫାଣ୍ଡି, ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ହାବିଲଦାର ଓ କନ୍‌ଷ୍ଟେବଲ ଭାଇ ଭଉଣୀଙ୍କ ସୁଖଦୁଃଖରେ ଠିଆ ହୋଇ ସେମାନଙ୍କ ସମାଜ ମଙ୍ଗଳ କାର୍ଯ୍ୟରେ ସହଯୋଗ କରିବା ଓ ସଂଘର ଏକତା, ଅଖଣ୍ଡତା ବଜାୟ ରଖିବା ସହିତ ଭାଇଚାରା ମନୋଭାବ ନେଇ ସମସ୍ତ ଦାୟିତ୍ୱ ତୁଲାଇବୁ ବୋଲି ନିର୍ବାଚିତ ପ୍ରତିନିଧି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇବି ଅକ୍ଷୟ କୁମାର ପ୍ରଧାନ ଏବଂ ଅନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି, ସଂହତିର ସେତୁ କବିତା

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ କବୟିତ୍ରୀ ଆରତି ମଞ୍ଜରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସାହିତ୍ୟ ବିଭାଗ ଆବାହକ ଗୋବିନ୍ଦ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ସହସମ୍ପାଦକ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୀତିକବି ଯମେଶ୍ୱର କହଲସିଂହଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ବର୍ଷୀୟାନ୍ କବୟିତ୍ରୀ ଆରତି ମଞ୍ଜରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁଦ୍ଧ ବିଶ୍ୱକୁ ଧ୍ୱଂସମୁଖକୁ ଟାଣିନେଉଛି। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକାରୁ ମାନବ ଜାତିକୁ ରକ୍ଷା କରିବା ପାଇଁ ଜାତିସଂଘ ଗଠନ ହୋଇଥିଲା। ବିଭିନ୍ନ ଦେଶର ଶାସକ ଜାତିସଂଘକୁ ଉପେକ୍ଷା କରି ଯୁଦ୍ଧର ଧ୍ୱଂସଲୀଳା ସୃଷ୍ଟି କରୁଛନ୍ତି। ୧୯୯୯ମସିହାରେ ଅନୁଷ୍ଠିତ ୩୦ତମ ସାଧାରଣ ଅଧିବେଶନରେ ମାର୍ଚ୍ଚ ୨୧କୁ ଜାତିସଂଘ 'ବିଶ୍ୱ କବିତା ଦିବସ' ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଶ୍ୱର ବିଭିନ୍ନ ଭାଷାର ବିବିଧତା, ସୃଜନଶୀଳ ପରିପ୍ରକାଶ, ସାମାଜିକ ଓ ସାଂସ୍କୃତିକ ଏକତା ପାଇଁ ସାହିତ୍ୟିକମାନେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି। ସାମ୍ପ୍ରତିକ ବିଶ୍ୱରେ ଯୁଦ୍ଧର ବିଭିଷିକାକୁ ବିଚାର କରି ବିଶ୍ୱଶାନ୍ତି ଓ ସଂହତି କ୍ଷେତ୍ରରେ କବିତା ସେତୁ ଭାବେ କାର୍ଯ୍ୟ କରିବାକୁ ମଞ୍ଚ ସମ୍ପାଦକ ରାମଶଙ୍କର ଆହ୍ୱାନ କରିଛନ୍ତି। ଏହି ଅବସରରେ ଆୟୋଜିତ କବିତା ପାଠରେ ହାଜି ନିସମ୍ ଉଦ୍ଦିନ୍ ଖାଁ, ଦିବାକର ମୁଦୁଲି, ରତ୍ନାକର ରଣସିଂହ, କବିତାରାଣୀ ମିଶ୍ର, ଅନସୂୟା ସାମନ୍ତରାୟ, ଗୋପାଳକୃଷ୍ଣ ଦାସ, ଜ୍ୟୋତିପ୍ରଭା ପଟ୍ଟନାୟକ, ଭାରତୀ ମିଶ୍ର, ବିଜୟ କୁମାର ସାମନ୍ତରାୟ, ବିନାୟକ ପାଇକରାୟ, ପ୍ରଫୁଲ୍ଲ କୁମାର ସାହୁ, ବଂଶୀଧର ଦାସ, ସୁକାନ୍ତି ମିଶ୍ର, ସୌଦାମିନୀ ପଟ୍ଟନାୟକ, ଲକ୍ଷ୍ମୀଧର ବଡ଼ଜେନା, କୈଳାସ ଚନ୍ଦ୍ର ପୃଷ୍ଟି, ରାଜକିଶୋର ବିଜୟାରସିଂହ, ଡ.ନିରଞ୍ଜନ ମହାନ୍ତି, ଦିବ୍ୟଲୋଚନ ଭାରିମଲ୍ଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଟାଙ୍ଗୀ,୨୧।୩(ରଘୁନାଥ ସାହୁ)

ନାରୁଣୀ ଷଣ୍ଢ ଛକଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରୁଣୀ କହ୍ନେଇପୁର ଗ୍ରାମର ପ୍ରାଣନାଥ ସେଠୀ(୭୦)। ସୂଚନା ମୁତାବକ, ପ୍ରାଣନାଥ ନିଜ ଗାଡ଼ିରେ ଘରକୁ ଫେରୁଥିବା ବେଳେ ନାରୁଣୀ ଷଣ୍ଢ ଛକଠାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ଗାଡ଼ିରୁ ଛିଟିକି ତଳେ ପଡ଼ିଥିଲେ। ଚିଲିକା ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବାର୍ଷିକ କ୍ରୀଡ଼ା ଉତ୍ସବ

ଟାଙ୍ଗୀ,୨୧।୩(ରଘୁନାଥ ସାହୁ)


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଟାଙ୍ଗୀ ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବଳରାମ ଦେବଙ୍କ ମନ୍ଦିରରୁ ମଶାଲ ଅଣାଯିବା ପରେ ଅଧ୍ୟକ୍ଷ ପ୍ରତାପ କୁମାର ମହାପାତ୍ର କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ବିକାଶ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଲଙ୍ଗଜମ୍ପ, ହାଇଜମ୍ପ, ଦୌଡ଼ କୁଦ, ଶଟପୁଟ, ଡିସ୍କସ ଥ୍ରୋ ଏବଂ କ୍ରିକେଟ ମ୍ୟାଚ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ପ୍ରତାପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଶିକ୍ଷକ ପ୍ରଶିକ୍ଷକ ସୁବାସ କୁମାର ଜେନା, ପୁରାତନ ଛାତ୍ର ସଂସଦର ସଭାପତି ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ, କିରଣ ନାୟକ, ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ବାଳକ ବିଭାଗରେ ହେମନ୍ତ କୁମାର ଜେନା ଏବଂ ବାଳିକା ବିଭାଗରେ ଝରଣା ପାଣି ଚାମ୍ପିୟନ ହୋଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିବର୍ପିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନିରାକାରପୁର,୨୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ପଞ୍ଚାୟତର କାଶିପୁର ଗ୍ରାମର ମା'ଭୈରବୀ ଦେବୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ , ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ରାମେଶ୍ୱର ସମିତିସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ ବେହେରା, ସନ୍ତୋଷ ଦଳେଇ ପ୍ରମୁଖ ଯୋଗଦେଇଥିଲେ।

## ସରିଲା ଗଡ଼ମାଣତୀର ପଞ୍ଚଦୋଳ ମେଳଣ

ବେଗୁନିଆ,୨୧।୩(ସନ୍ଧ୍ୟାରାଣୀ ମିଶ୍ର)


ଦୋଳପଡ଼ିଆରେ ବିରାଜମାନ ଠାକୁର।

ବେଗୁନିଆ ବ୍ଲକ ଅନ୍ତର୍ଗତ ରାମଚଣ୍ଡୀ ପୀଠସ୍ଥିତ ଦୋଳପଡ଼ିଆରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୋଳଯାତ୍ରରେ ବିଭିନ୍ନ ଅଞ୍ଚଳର ୬୦ଟି ଦୋଳବିମାନ ଏକାଠି ହୋଇଥିଲେ। ବିଧିମୁତାବକ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ଗୁରୁବାର ଭୋରୁ ସମସ୍ତ ବିମାନ ଦୋଳମଣ୍ଡପ ଚତୁଃପାର୍ଶ୍ୱ ବୁଲିବା ପରେ ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ୮ଟି ସାହିର ଦୋଳ କମିଟି ସଭ୍ୟମାନଙ୍କ ସହିତ ବଡ଼େଇସାହିର ମୁଖ୍ୟ ସଭ୍ୟ ସତ୍ୟାନନ୍ଦ ମଙ୍ଗରାଜ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ଚାନ୍ଦାରେ ଏହି ଯାତ୍ରା ସମ୍ପାଦିତ ହୋଇଥାଏ। ସନ୍ଧ୍ୟାରେ ମେଳଣରେ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଟ୍ ହାଉସ୍ ଅଧିକାରୀ ସରୋଜ କୁମାର ସେନାପତିଙ୍କ ସହ ଶାନ୍ତି କମିଟି ସଦସ୍ୟ ନିବାସ ସୁନ୍ଦରାୟ, ପୂର୍ଣ୍ଣ ମାନସିଂହ, ସଂଗ୍ରାମ କେଶରୀ ସାମନ୍ତସିଂହାର, ଶିଶିର କୁମାର ସାମନ୍ତରାୟ, ଅଶୋକ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୩।୨୦୨୫

| | |
|---|---|
| ୫,୦୯,୭୫୩ ଟଙ୍କା | |
| ସୁନା | ୧.୭୦୦ ଗ୍ରାମ୍ |
| ରୁପା | ୨୧ ଗ୍ରାମ୍ |

# ରଥ ଦଉଡ଼ି ଯୋଗାଇବ କତା ନିଗମ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ଆଗାମୀ ଜୁନ ୨୭ରେ ହେବାକୁ ଥିବା ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ସମୟ ପୂର୍ବରୁ ରଥକାଠ, ବାସୁଙ୍ଗା ପାଟ, ଚନ୍ଦନ କାଠ ଓ କତାଦଉଡ଼ି କିଭଳି ପ୍ରସ୍ତୁତି ସରିବ ସେ ନେଇ ଆଲୋଚନା କରାଯାଇଛି।

ବୈଠକ ପରେ ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତ ବର୍ଷର ଘୋଷଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏ ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି। ରଥକାଠ ପର୍ଯ୍ୟାୟ କ୍ରମେ ଆସିବାରେ ଲାଗିଛି। ପରମ୍ପରା ଅନୁସାରେ ରାମନବମୀ ଦିନ ରଥକାଠ ଚିରଟ ଅନୁକୂଳ ହେବ। ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରଥକାଠ ସମ୍ପର୍କିତ କୌଣସି ସମସ୍ୟା ନାହିଁ। ପ୍ରତିବର୍ଷ ପରି ଚଳିତବର୍ଷ ଓଡ଼ିଶା କତା ନିଗମ ରଥ ଦଉଡ଼ି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ବାସୁଙ୍ଗା ପାଟ, ଚନ୍ଦନ ସମେତ ଅନ୍ୟ ଆବଶ୍ୟକ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ ପାଖେ ମହଜୁଦ ରହିଛି। ଠିକ ସମୟରେ ଆବଶ୍ୟକ ରଥ କାଠ ପହଞ୍ଚିବ ବୋଲି ସ୍ଥିର ହୋଇଛି। ଛତିଶା ନିଯୋଗ ଓ ପରିଚାଳନା କମିଟି ସହ ଆଲୋଚନା କରାଯାଇ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ପ୍ରସ୍ତୁତି ବୈଠକ କରାଯିବ। ସେହିପରି ଅଦିନିଆ ରଥଯାତ୍ରା ସମ୍ପର୍କରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଇସ୍କନ ସଂସ୍ଥା ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇସାରିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା, ଘୋଷଯାତ୍ରା ଓ ଅନ୍ୟ ଯାତ୍ରା, ପର୍ବପର୍ବାଣିକୁ ଅଦିନିଆ ଭାବେ ପାଳନ ନ କରିବା ନିମନ୍ତେ ଇସ୍କନ ସଂସ୍ଥାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ୨୦୨୧ ମସିହାରୁ ଇସ୍କନ ପକ୍ଷରୁ

### ରଥଯାତ୍ରା ନେଇ ଆଲୋଚନା

- ଅଦିନିଆ ଘୋଷଯାତ୍ରା ଆୟୋଜନ ଲାଗି ଇସ୍କନକୁ ବାରଣ
- ବେଆଇନ ଭାବେ ମହାପ୍ରଭୁଙ୍କ ଜମି ବିକିଲେ କାର୍ଯ୍ୟାନୁଷ୍ଠାନ

ଭାରତରେ ଅଦିନିଆ ରଥଯାତ୍ରା ହେଉ ନ ଥିବାବେଳେ ଭାରତ ବାହାରେ କରାଯାଉଛି। ତେଣୁ ତାହା କରିବାକୁ ମନା କରାଯାଇଛି। ଶାସ୍ତ୍ର ଅନୁଯାୟୀ ନୀତି ନିୟମଗୁଡ଼ିକୁ ଇସ୍କନକୁ ଅବଗତ କରାଯାଇଛି। ଅପରପକ୍ଷରେ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ଅସାଧୁ ବ୍ୟକ୍ତି ବେଆଇନ ଭାବେ ବିକ୍ରି କରୁଥିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ଜମି ତଥା ମହାପ୍ରଭୁ ଶ୍ରୀଜଗନ୍ନାଥ ପୁରୀଙ୍କ ନାମରେ ଥିବା ଜମିକୁ ଅସାଧୁ ବ୍ୟକ୍ତି ବିକ୍ରି କରିବା ପାଇଁ ଉଦ୍ୟମ କଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମହାପ୍ରଭୁଙ୍କ ନାମରେ ଥିବା ଜମିଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯାଉଛି। ଲ୍ୟାଣ୍ଡ ପୋର୍ଟାଲ ରହିବ। ଯେଉଁମାନେ ଅତୀତରେ ୟୁନିଫର୍ମ ପଲିସିରେ ଆବେଦନ କରୁଥିଲେ, ସେମାନେ ଏବେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଶ୍ରୀସମ୍ପତ୍ତି ନାମରେ ରେଜିଷ୍ଟ୍ରେଶନ କରାଯାଉଛି। ଆଗାମୀ ଦିନରେ ଯେଉଁମାନେ ନିୟମଗତ ଭବେ ଆବେଦନ କରିବେ, କୌଣସି ପ୍ରକାର ହଇରାଣ ହେବେ ନାହିଁ। ବେଆଇନ ଭାବେ ଯିଏ ସମ୍ପତ୍ତି ବିକ୍ରି କରିବାକୁ ଚେଷ୍ଟା କରୁଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ପାଢ଼ୀ କହିଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ବ୍ୟବସ୍ଥା ଲାଗି ଆଲୋଚନା କରାଯାଉଛି। ଏନେଇ ଏସ୍‌ଓପି ଅଣାଯିବ। ଧାଡ଼ି ଦର୍ଶନ ଓ ଦିବ୍ୟାଙ୍ଗ ଦର୍ଶନ ନେଇ ଛତିଶା ନିଯୋଗ ବୈଠକ ଏବଂ ପରିଚାଳନା କମିଟି ଗଠନ ହେବା ପରେ ପରାମର୍ଶ ନିଆଯିବ ବୋଲି ପାଢ଼ୀ କହିଛନ୍ତି।

## ଦ୍ୱିତୀୟ ସନ୍ଧ୍ୟାରେ 'ଏନ୍‌ଏଚ୍- ୩୧୬' ମଞ୍ଚସ୍ଥ



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ 'ଏନ୍‌ଏଚ୍ -୩୧୬'ର ଏକ ଦୃଶ୍ୟ ।

ପୁରୀ,୨୧।୩( ଅଜିତ୍ କୁମାର ମହାନ୍ତି)

### ଜାତୀୟସ୍ତରୀୟ ନାଟକ ମହୋତ୍ସବ

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଆୟୋଜିତ ୧୫ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଭୁବନେଶ୍ୱରର ଅଜିତ୍ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରଯୋଜିତ ନାଟକ 'ଏନ୍.ଏଚ୍- ୩୧୬' ମଞ୍ଚସ୍ଥ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ବିଶ୍ୱନାଥ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ନାଟ୍ୟକାର ଦୟାନିଧି ତ୍ରିପାଠୀ, ସମାଜସେବୀ ପ୍ରଦ୍ୟୁମ୍ନ ମିଶ୍ର, 'ଅଜିତ' ଅନୁଷ୍ଠାନର ପ୍ରତିଷ୍ଠାତା ଡା. ମାୟା ଦାସ, ପୂର୍ବତନ ସ୍ୱତନ୍ତ୍ର ସଚିବ ବିନୋଦ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। 'ରଙ୍ଗଶାଳା' ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ସ୍ୱାଗତ ଭାଷଣ ଓ କଳାକାର ବିକ୍ରମ ବରାଳ ଧନ୍ୟବାଦ ଦେଇଥିଲେ। ନାଟକ 'ଏନ୍.ଏଚ୍-୩୧୬'ର ନାଟ୍ୟକାର ଓ ନିର୍ଦ୍ଦେଶକ ଡ. ମାୟା ଦାସ ରହିଥିବାବେଳେ ଆଲୋକ ସରଞ୍ଜନା, ପ୍ରଚ୍ଛଦପଟ ସଙ୍ଗୀତରେ ଦୀପକ ରଞ୍ଜନ ପତି (ଅମନ) ଯୋଗଦାନ କରିଥିଲେ। ଦର୍ଶକମାନେ ନାଟକକୁ ମନ ଭରି ଉପଭୋଗ କରିଥିଲେ ।

## ସଂକ୍ଷେପରେ

### ୧୪ତମ ବୃଷଭ ମହୋତ୍ସବ

ଅସ୍ତରଙ୍ଗ,୨୧।୩(ମମତା ଜେନା)

କାକଟପୁର ବ୍ଲକ ଲତାହରଣ ପଞ୍ଚାୟତର (ବଡ଼) ଓଳଙ୍ଗର ଗ୍ରାମରେ ଥିବା ବୃଷଭଙ୍କ ପୀଠରେ ୧୪ତମ ବୃଷଭ ମହୋତ୍ସବ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନଦୀକୂଳରୁ ଜଳତୋଳି କଳସ ଯାତ୍ରାରେ ପୀଠରେ ପହଞ୍ଚିବା ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଦେବୁ ଭାଇନା ପୂଜା କାର୍ଯ୍ୟ ସମାପନ କରିଥିଲେ। ୩ଦିନ ବ୍ୟାପୀ ବିଭିନ୍ନ ସଙ୍କୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ଅଖଣ୍ଡ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ନାମଯଜ୍ଞରେ ଯୋଗଦେଇ ଘିଅ ଦୀପ ଜାଳି ନିଜନିଜ ପରିବାରର ସୁଖ ମନାସି ଥିଲେ। ଓଳଙ୍ଗର ଗ୍ରାମର ବରିଷ୍ଠ ବ୍ୟକ୍ତିବିଶେଷମାନେ ଏହି କାର୍ଯ୍ୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

### 'ପୁରୀରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉ'

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ରାସ୍ତାପାର୍ଶ୍ୱ ଦୋକାନୀ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବଳଗଣ୍ଡିସ୍ଥିତ ହାତୀଆଖଡ଼ା ମଠ ପରିସରରେ ଗୁରୁବାର 'ରାସ୍ତାପାର୍ଶ୍ୱ ଦୋକାନୀ ଓ ପୁରୀବାସୀ' ପ୍ରସଙ୍ଗ ଉପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ମୁଖ୍ୟ ଆବାହକ ସୂର୍ଯ୍ୟନାରାୟଣ ରଥ ସଭାରେ ସଭାପତିତ୍ୱ କରିଥିଲେ। ବୁଦ୍ଧିଜୀବୀମାନେ ପୁରୀ ବାସିନ୍ଦା ଏବଂ ଭକ୍ତଙ୍କ ସୁବିଧା ପାଇଁ ସହରର ଜନଗହଳି ସ୍ଥାନରେ ଭେଣ୍ଡିଂଜୋନ ନିର୍ମାଣ କରାଯିବାକୁ ମତ ପ୍ରକାଶ କରିଥିଲେ। ବଡ଼ଦାଣ୍ଡରେ ଭକ୍ତ ପାଣିଗ୍ଲାସ୍ କିମ୍ବା ଚା କପଟିଏ ପାଇବା ସ୍ୱପ୍ନ ହୋଇଯାଇଛି। ପୁରୀରୁ ଫେରିବା ସମୟରେ ଭକ୍ତ ସ୍ମୃତିସ୍ୱରୂପ ଯାହା କିଛି କିଣିବାକୁ ପାଉଥିଲା, ତାହା ବର୍ତ୍ତମାନ ଉପଲବ୍ଧ ହେଉନାହିଁ। ତେଣୁ ଭକ୍ତ ଓ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାସ୍ତାପାର୍ଶ୍ୱ ଦୋକାନୀଙ୍କ ନିମନ୍ତେ ପ୍ରଣୀତ ଆଇନକୁ ପ୍ରଶାସନ ଠିକ ଭାବେ ଅନୁପାଳନ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ। ସଭାରେ ଏ. ସୁବା ରାଓ, ଗୌରହରି ପ୍ରଧାନ, ସୁରେନ୍ଦ୍ରନାଥ ଦାସ, ରାଜେଶ କୁମାର ମିଶ୍ର, ଶ୍ରୀକାନ୍ତ ପରିଜା, ଦାମୋଦର ମହାସୁଆର, ଚକ୍ରଧର ମହାପାତ୍ର, ଜଗନ୍ନାଥ ଦେଓ, ହରିଶଙ୍କର ମିଶ୍ର, ନାରାୟଣ ଦାଶ, ଜିତେନ୍ଦ୍ର ମିଶ୍ର, ପବିତ୍ର ଦଳେଇ, ସ୍ୱାଧୀନ ପଣ୍ଡା, ତପନ ତପସ୍ୱୀ, ଭୀମସେନ ସ୍ୱାଇଁ, ସୁରେନ୍ଦ୍ର କୁମାର ଜେନା, ପ୍ରସନ୍ନ କୁମାର ଲେଙ୍କା, ତ୍ରିଲୋଚନ ଦାସ, ସଞ୍ଜୀବ ମହାନ୍ତି, ନିରଞ୍ଜନ ସିଂ, ସର୍ବେଶ୍ୱର ପ୍ରଧାନ, ପ୍ରମୋଦ କୁମାର ଜେନା, ପ୍ରଦୀପ ନାୟକ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀର ପୁରାତନ ଖେଳଗୁଡ଼ିକୁ ପୁଣି ଚାଲୁ କରିବାପାଇଁ ଯୁବ କଂଗ୍ରେସର ନେତା ଓ ଯୁବକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# ୩,୭୩୪ ଖାଉଟିଙ୍କୁ ମିଳିବ ରାଶନକାର୍ଡରେ ଚାଉଳ

ଗୋପ,୨୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

- ୭ କି.ମି. ଯିବେନି ଖାଉଟି
- ଧରିତ୍ରୀର ପ୍ରଭାବ

ସରକାରୀ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରି ଖାଉଟିଙ୍କୁ ରାଶନକାର୍ଡରେ ଚାଉଳ ନ ମିଳିବା ସହିତ ଦୀର୍ଘ ୭ କି.ମି. ଯାଇ ଖାଉଟି ଚାଉଳ ଆଣିବା ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବା ପରେ ନିକଟସ୍ଥ ଡିଲର କେନ୍ଦ୍ରରୁ ୩,୭୩୪ ଜଣଙ୍କୁ ଚାଉଳ ମିଳିବ ବୋଲି ଗୋପ ବ୍ଲକ ଯୋଗାଣ ନିରୀକ୍ଷକ ରଚିତା ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କୌଣସି କାରଣରୁ ଗଣେଶ୍ୱରପୁର ପଞ୍ଚାୟତର ୨ ଡିଲର ସନ୍ତୋଷ ଭଞ୍ଜ, ଶ୍ରୀନିବାସ ସାହୁ ଇସ୍ତଫା ଦେବାପରେ ଏହି ପଞ୍ଚାୟତର ୩,୭୩୪ ଜଣ ଖାଉଟି ରାଶନକାର୍ଡ ଚାଉଳ ପାଇବାରୁ ବଞ୍ଚିତ ହୋଇଥିଲେ। ସରକାରୀ ନିୟମ ଅନୁସାରେ ନିକଟସ୍ଥ ଡିଲର କେନ୍ଦ୍ରକୁ ଚାଉଳ ବଣ୍ଟନ ଦାୟିତ୍ୱ ଦେବା ନିୟମ ଥିବାବେଳେ ବ୍ଲକ୍ କର୍ତ୍ତୃପକ୍ଷ ବିଳମ୍ବ କରିଥିଲେ। ଏପରି ଏକ ଗୁରୁତର ଅଭିଯୋଗକୁ ନେଇ ଗତ ୧୮ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ତରବରିଆ ଭାବରେ ବ୍ଲକ କର୍ତ୍ତୃପକ୍ଷ ଚିଠି ନମ୍ବର ୯୭୮, ୧୭।୩।୨୦୨୫ରେ ଗଣେଶ୍ୱରପୁର ପଞ୍ଚାୟତର ବିଶ୍ୱ ପ୍ରଗତି ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋପର ବିନୟ କୁମାର ସେନାପତି ନାମକ ଗୋଟିଏ ଡିଲର୍ କେନ୍ଦ୍ରକୁ ଏହି ଚାଉଳ ବଣ୍ଟନ ଦାୟିତ୍ୱ ଦେଇଛନ୍ତି। ରାଶନ କାର୍ଡରେ ଚାଉଳ ପାଇବା ସମ୍ପର୍କରେ ଗୋପ ଯୋଗାଣ ନିରୀକ୍ଷକ ରଚିତା ପଣ୍ଡା କହିଛନ୍ତି, ସରକାରୀସ୍ତରରେ ନିୟମକୁ ନେଇ ଖୁବଶୀଘ୍ର ଖାଉଟିମାନଙ୍କୁ ଚାଉଳ ବଣ୍ଟନ କରାଯିବ ବୋଲି କହିବା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି।

## ନୂତନ ଇଡିସି କମିଟି ଗଠନ ଦାବି

### ବିଳମ୍ବ ହେଲେ ଆନ୍ଦୋଳନ ଚେତାବନୀ

କୋଣାର୍କ,୨୧।୩
(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ କୋଣାର୍କ ଏନ୍‌ଏସି ୪ନଂ. ୱାର୍ଡ କରମଙ୍ଗା-ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟି(ଇଡିସି)ର ଅବଧି ଶେଷହେବାର ଦୀର୍ଘ ୪ ମାସ ବିତିଯାଇଛି। ହେଲେ ନୂତନ କମିଟି ଗଠନ ଦିଗରେ ସ୍ଥାନୀୟ ବନ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରି କମିଟି ଗଠନ ପ୍ରକ୍ରିୟାକୁ ବିଳମ୍ବିତ କରୁଥିବା କମିଟି ସଭ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାୟୀ, ନୂତନ କମିଟି ଗଠନ ନିମନ୍ତେ ବନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଇଡିସି ଅଧୀନ ଗ୍ରାମର ସଦସ୍ୟଙ୍କୁ ଅବଗତ କରାଇ ସାମୂହିକ ଭାବେ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରିବାକୁ ନିୟମ ରହିଛି। କର୍ମକର୍ତ୍ତା ଚୟନ ଲାଗି ବନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରିବାକୁ କରମଙ୍ଗା-ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟି ସଦସ୍ୟ ପ୍ରଦୀପ କୁମାର ନାୟକ, ଅଜୟ କୁମାର ବେହେରା, ବାବୁ ପ୍ରଧାନ, ଆଲୋକ ଶିକାରୀ, ଅଜିତ କୁମାର ବିଶ୍ୱାଳ ଓ ସତ୍ୟଜିତ୍ ନାୟକଙ୍କ ସମେତ ଗ୍ରାମବାସୀ ପୁରୀ ଜିଲାପାଳ ଓ ଜିଲା ବନ ଅଧିକାରୀ ପ୍ରମୁଖଙ୍କ ନିକଟରେ ଦାବି କରିଛନ୍ତି। ଯଦି ଖୁବ୍‌ଶୀଘ୍ର ଏହି ଚୟନ ପ୍ରକ୍ରିୟା ନ କରାଯାଏ ତେବେ ଆଗାମୀ ଦିନରେ ଇଡିସିର କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର କରମଙ୍ଗା-ଶ୍ରୀକଣ୍ଠପୁର ବନ ଉନ୍ନୟନ କମିଟି, କାର୍ଯ୍ୟକାରୀ କମିଟି ସଦସ୍ୟ ସହ ନୂତନ ସଭାପତି ଚୟନ କରିବାକୁ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

## ଅଧିକାର, ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତୁ ଉପଭୋକ୍ତା

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି):

ଖାଉଟିଙ୍କ ଅଧିକାର ହେଉଛି ଦ୍ରବ୍ୟର ଠିକ ଗୁଣବତ୍ତା, ଉପଯୁକ୍ତ ମାପ, ଓଜନ ଚିହ୍ନଟ ଏବଂ ମାନର ଯାଞ୍ଚ। କିନ୍ତୁ ବ୍ୟସ୍ତତା ଯୋଗୁ ହେଉ ବା ସଚେତନତାର ଅଭାବ, ଖାଉଟି ଏହାର ସୁବିଧା ନେଇପାରୁନାହାନ୍ତି ଓ ଠକାମିର ଶିକାର ହେଉଛନ୍ତି। ଖାଉଟି ସଚେତନ ହେଲେ ଖାଉଟି ଅଧିକାର ଦିବସ ସଫଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମାପ ଓ ଓଜନ ବିଭାଗର ମିଳିତ ଆନୁକୂଲ୍ୟରେ ଏବଂ ନିହିତା ଅନୁଷ୍ଠାନ ସହଯୋଗରେ ସର୍କିଟ ହାଉସରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଅଧ୍ୟକ୍ଷତା କରି ଉପଭୋକ୍ତାମାନେ ନିଜ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ ବୋଲି କହିଥିଲେ। ମାପ ଓ ଓଜନ ବିଭାଗର ଉପନିୟନ୍ତ୍ରକ ପ୍ରଗତି ନାୟକ କହିଥିଲେ, ଖାଉଟିମାନେ କୌଣସି ଦ୍ରବ୍ୟ କ୍ରୟ କରିବା ବେଳେ ତା'ର ଗୁଣବତ୍ତା, ଦାମ୍, ଅବଧି, ଓଜନ ଇତ୍ୟାଦି ତନ୍ନତନ୍ନ ଅନୁଧ୍ୟାନ କରିବା ଉଚିତ। ଆଇନ ସହାୟତା ନେଇ ଉପଭୋକ୍ତା ସୁରକ୍ଷାକୁ ସୁରକ୍ଷିତ ରଖିବାକୁ ସେ ମତ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ବାର୍ ଆସୋସିଏଶନ ସମ୍ପାଦକ ଦୀପକ କୁମାର ଦାସ, ଓରେଡାର ସହକାରୀ ନିର୍ଦ୍ଦେଶକ ମହେଶ୍ୱର ବଡଜେନା, ସାମ୍ବାଦିକ ସତ୍ୟ ରାଉତରାୟ, ନିହିତା ସମ୍ପାଦକ ଭକ୍ତ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ସରିଲା ବଳଙ୍ଗା ପଞ୍ଚଦୋଳ ମେଳଣ



ମେଳନରେ ଲୋକଙ୍କ ସମାଗମ ।

ବଳଙ୍ଗା,୨୧।୩(କେଦାରେଶ୍ୱର ନନ୍ଦ)

ଚୈତ୍ର ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ବୁଧବାର ବିଳମ୍ବିତ ରାତିରୁ ବକ୍ରେଶ୍ୱର ଦେବଙ୍କର ୩ ଦିନ ଧରି ପଞ୍ଚଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବକ୍ରେଶର ଦେବଙ୍କ ସହ ଚନ୍ଦ୍ରଶେଖର, ବାଙ୍କନାଥ ଓ ଗୋପାଳଜୀଉ ସୁସଜ୍ଜିତ ବିମାନରେ ମେଳଣପଡ଼ିଆକୁ ଆସିଥିଲେ। ବକ୍ରେଶ୍ୱର ଦେବ ଆସ୍ଥାନରେ ଉପବେଶନ କରିବା ପରେ ଆଖପାଖ ଅଞ୍ଚଳରୁ ଆସିଥିବା ସମସ୍ତ ଠାକୁର ନିଜ ନିଜ ଆସ୍ଥାନରେ ବିଜେ କରିଥିଲେ। ଜମାଣ ଉତ୍ସବରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୁକ୍ରବାର ସକାଳୁ ଠାକୁରଙ୍କ ହରିହର ଭେଟ ଗାଁ ମୁଣ୍ଡରେ ଥିବା ଚନ୍ଦନପୋଖରୀ ନିକଟରେ ବଡ଼ଭାଇ ସିଦ୍ଧେଶ୍ୱର, ନୀଳକଣ୍ଠେଶ୍ୱର ଓ ବକ୍ରେଶ୍ୱର ଦେବଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ପରେ ଠାକୁରମାନେ ନିଜ ନିଜ ମନ୍ଦିରକୁ ବିଜେ କରିଥିଲେ। ଏହି ଉତ୍ସବରେ ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା, ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସମସ୍ତ ସଦସ୍ୟ, ରାଜସ୍ୱ ନିରୀକ୍ଷକ ସୁରେଶ ସାହୁ ଗ୍ରାମର ମୁରବିମାନଙ୍କ ସହଯୋଗକ୍ରମେ ଓ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା, କେଦାର ଚନ୍ଦ୍ର ଦୋରାଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ପଞ୍ଚଦୋଳ ଯାତ୍ରା ସମାପନ ହୋଇଥିଲା।

# ନୂଆ ରୂପ ପାଇବ ଭକ୍ତ ଦାସିଆ ପୀଠ

ପିପିଲି,୨୧।୩(ଦୁର୍ଗାମାଧବ ମିଶ୍ର)

### ସମୀକ୍ଷା କଲେ ବିଧାୟକ ଓ ଯନ୍ତ୍ରୀ

ବାଲିଗାଁସ୍ଥିତ ଭକ୍ତ ଦାସିଆ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ବିଭାଗ ପକ୍ଷରୁ ଡିପିଆର୍ ଏବଂ ନକ୍ସା ପ୍ରସ୍ତୁତି କରାଯାଇଛି। ଏ ନେଇ ଏକ ସମୀକ୍ଷା ବୈଠକ ଦାସିଆ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିପିଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସାହୁ, ସହକାରୀ ଯନ୍ତ୍ରୀ ପ୍ରଣବ ପ୍ରକାଶ ସାହୁଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡ଼ିଛି। ଏହି ପୀଠ ପରିସରରେ ଥିବା ଐତିହ୍ୟ ପୁଷ୍କରିଣୀ ଗୋଠଗାଡ଼ିଆର ପୁନରୁଦ୍ଧାର ଓ ଉନ୍ନତୀକରଣ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଏହି ପୋଖରୀ ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ଓ ରଥଯାତ୍ରାର ଦୃଶ୍ୟ ଦେଖିପାରିବେ। ଗୋଠଗାଡ଼ିଆର ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ, ଗାଧୁଆ ଘାଟ, ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ସୁଦୃଢ଼ ପରିକ୍ରମା ମାର୍ଗ ସହ ଗୋଠଗାଡ଼ିଆ ମଝିରେ ଦୀପି ଦାଣ୍ଡି ନିର୍ମାଣ କରାଯିବ। ଭକ୍ତ ଦାସିଆଙ୍କ ଜୀବନୀ ସମ୍ପର୍କିତ ସଂଗ୍ରହାଳୟ ନିର୍ମାଣ କରାଯିବ। ଏହି ପୀଠର ସମ୍ମୁଖରେ ବହି ଯାଇଥିବା ରତ୍ନଚିରା ନଦୀର ପୁନରୁଦ୍ଧାର କରାଯାଇ ସେଠାରେ ନୌକାବିହାର ପ୍ରକଳ୍ପ କରାଯିବ। ଡିଜାଇନ ପ୍ରସ୍ତୁତି ପରେ ଟେଣ୍ଡର କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ପଟ୍ଟନାୟକ କହିଛନ୍ତି।

# ଉତ୍ତମ ପୋଷଣ, ସୁସ୍ଥ ଜୀବନ

ଅସ୍ତରଙ୍ଗ,୨୧।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ

ମା' କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟି ସାଧନ ଉଦ୍ଦେଶ୍ୟରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୫ରୁ ୧୯ବର୍ଷ ବୟସର ସମସ୍ତ କିଶୋରୀମାନଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀମାନଙ୍କ ପାଇଁ ଅଧିକ ଶୃଙ୍ଖଳା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନଯୁକ୍ତ ଖାଦ୍ୟ ପ୍ରଦାନ ବ୍ୟବସ୍ଥା ରହିଛି।

ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିଙ୍କିନା ବେହେରା, ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ଉତ୍ତମ ପୋଷଣ, ସୁସ୍ଥ ଜୀବନ ବୋଲି ମଣ୍ଡଳ ଉନ୍ନୟନ ଅଧିକାରିଣୀ ବେହେରା ମତ ଦେଇଥିଲେ। ମମତା ଯୋଜନାରେ ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଏ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ।

## ବାର୍ଷିକ ସାଂସ୍କୃତିକ ମହୋତ୍ସବ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍.ବି.ଏ, ଏମ୍.କମ୍. (ଫାଇନାନ୍ସ ଓ କଣ୍ଟ୍ରୋଲ) ଏବଂ ବି.ବି.ଏ. ବିଭାଗ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଅଭିନନ୍ଦନ-୨୦୨୫' ଶୁକ୍ରବାର ପୁରୀ ଟାଉନ୍ ହଲ୍‌ରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦନ ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଏବଂ ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉପସ୍ଥିତ ଥିଲେ। ପୂର୍ବ ଶିକ୍ଷାବର୍ଷର ଟପ୍ପରଙ୍କ ସହିତ କ୍ରୀଡ଼ା ଓ କଳାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଦ୍ୟାର୍ଥୀ ଓ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥି, ପ୍ୟାରୀମୋହନ ଜେନା, ବିଷ୍ଣୁପ୍ରସାଦ ସାମନ୍ତରାୟ, ବିଜୟଲକ୍ଷ୍ମୀ ଭୋଳ, ସୌମ୍ୟା ମହାନ୍ତି ଏବଂ ମଧୁସ୍ମିତା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁମୁଲ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଏମ୍‌ଫେଡ କର୍ତ୍ତୃପକ୍ଷ ପୁମୁଲ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ନିମାପଡ଼ା,୨୧।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରଠାରେ ପୁରୀ ଜିଲା ଦୁଗ୍ଧ ଉତ୍ପାଦକ ସମବାୟ ସଂଘ (ପୁମୁଲ) କର୍ମଚାରୀ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମୂହ ଭାବେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ପୁମୁଲରେ କାର୍ଯ୍ୟରତ ୬୫ ଜଣ ନିୟମିତ ଓ ୨୭ ଜଣ ଠିକା କର୍ମଚାରୀ ମୋଟ ୯୨ ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ଅଛନ୍ତି। ୭ ମାସର ବକେୟା ଦରମା ସହ ନିୟମିତ ଦରମା ପ୍ରଦାନ, ଇପିଏଫ୍ ଓ ଏଲ୍‌ଆଇସିର ବକେୟା ଥିବା ସମସ୍ତ ଅର୍ଥକୁ ତୁରନ୍ତ ଭରଣା ଦାବିରେ ସକାଳ ୯ଟାରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଖବର ପାଇ ଏମ୍‌ଫେଡର ଫାଇନାନ୍ସ ଡିଜିଏମ୍ ସୁରେଶ କୁମାର ଅଲ୍‌ଟିଆ, ଏଚ୍‌ଆର୍‌ର ଡିଜିଏମ୍ ଜୟକୃଷ୍ଣ ପଟ୍ଟନାୟକ, ପୁମୁଲ ଭାରପ୍ରାପ୍ତ ଜିଏମ୍ ତାପସ କୁମାର ଦାଶ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

ପ୍ଲାଣ୍ଟ ଇନ୍‌ଚାର୍ଜ ଦୀପକ ବେହେରା, ୟୁନିଟ୍ ଇନ୍‌ଚାର୍ଜ ବିଜୟ ଦାସ, ଜୁନିୟର ଆସିଷ୍ଟାଣ୍ଟ ନଳିନୀକାନ୍ତ ପଟ୍ଟନାୟକ, ଭଜମନ ଜେନା, ସମ୍ପ୍ରସାରିକା ଗୀତାଞ୍ଜଳି ମହାପାତ୍ର, ନିରୂପମା ଦାସ, ଅନ୍ନପୂର୍ଣ୍ଣା ପ୍ରଧାନ, ସୁଜାତା ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପୁମୁଲ କର୍ମଚାରୀ ବାରମ୍ବାର ଓମ୍‌ଫେଡର ଏମ୍‌ଡି, ପୁମୁଲର ସାଧାରଣ ପରିଚାଳକ ଓ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲାପାଳଙ୍କୁ ସେମାନଙ୍କ ଦାବି ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଦାବିଗୁଡ଼ିକୁ ତୁରନ୍ତ ପୂରଣ କରା ନ ଗଲେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଆନ୍ଦୋଳନରତ କର୍ମଚାରୀ କହିଛନ୍ତି।

